ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.19, Bhubaneswar Monday, February 24, 2020 | ୨୩ତମ ବର୍ଷ ସଂଖ୍ୟା-୧୯ ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୪, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹..50 (Air Surcharge - 0.50P) Member-INS



ତେଲେଙ୍ଗାନା-ଏକ ପ୍ଲାଟିନମ ଜୁବଲି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ଉପ ରାଷ୍ଟ୍ରପତି ଭେଙ୍କିଆ ନାଇଡୁ

## ଇତିହାସ ସୃଷ୍ଟି କଲା ବାୟୁସେନାର ଏଏନ-୩୨ ବିମାନ

ନୂଆଦିଲ୍ଲୀ,:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ବାୟୁସେନାର ଏଏନ-୩୨ ବିମାନ ଭାରତୀୟ ବାୟୋ-ଜେଟ୍ ଇନ୍ଧନରେ ଲଦ୍ଦାଖରୁ ଉଡ଼ାଣ ଭରି ନୂତନ ଇତିହାସ ସୃଷ୍ଟି କରିଛି । ରବିବାର ଦିନ ମନ କି ବାତ କାର୍ଯ୍ୟକ୍ରମରେ ସେ ଏହା କହିଛନ୍ତି । ସେ କହିଛନ୍ତି ଯେ ଗତ ଜାନୁଆରୀ ୩୧ ତାରିଖ ଦିନ ଲଦ୍ଦାଖର ସୁନ୍ଦର ପାହାଡ଼ିଆ ଅଂଚଳ ଗୋଟିଏ ଐତିହାସିକ ଘଟଣାର ସାକ୍ଷୀ ହୋଇଛି । ଲେହର କୁଶୋକ୍ ବାକୁଲା ରିମ୍ପୋଚି ଏୟାରପୋର୍ଟରୁ ଭାରତୀୟ ବାୟୁସେନାର ଏଏନ -୩୨ ବିମାନ ଯେତେବେଳେ ଉଡ଼ାଣ ଆରମ୍ଭ କଲା, ସେତେବେଳେ ଗୋଟିଏ ନୂତନ ଇତିହାସ ସୃଷ୍ଟି ହେଲା। ଏହି ଉଡ଼ାଣରେ ୧୦ ପ୍ରତିଶତ ଭାରତୀୟ ବାୟୋ-ଜେଟ୍ ଇନ୍ଧନର ମିଶ୍ରଣ କରାଯାଇଥିଲା। ଦୁଇଟିଯାକ ଇଞ୍ଜିନରେ ଏହି ମିଶ୍ରିତ ଇନ୍ଧନ ବ୍ୟବହାର କରାଯିବାର ଏହା ପ୍ରଥମ ଘଟଣା। କେବଳ ସେତିକି ନୁହେଁ, ଲେହର ଯେଉଁ ବିମାନ ବନ୍ଦର ଉପରେ ଏହି ବିମାନ ଉଡ଼ିଲା ତାହା କେବଳ ଭାରତର ନୁହେଁ ବରଂ ବିଶ୍ୱର ସବୁଠାରୁ ଅଧିକ ଉଚ୍ଚତାରେ ରହିଥିବା ବିମାନ ବନ୍ଦରଗୁଡ଼ିକ ମଧ୍ୟରେ ଅନ୍ୟତମ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ଯେ, ବାୟୋ ଜେଟ ଫୁଏଲକୁ ନନ ଏଡିବଲ ଟ୍ରି ବର୍ନ ଅଏଲରୁ ପ୍ରସ୍ତୁତ କରାଯାଇଛି। ଏହାକୁ ଭାରତର ବିଭିନ୍ନ ଆଦିବାସୀ ଅଂଚଳରୁ କ୍ରୟ କରାଯାଇଥାଏ। ଏହି ପ୍ରଚେଷ୍ଟା ଫଳରେ କେବଳ ଯେ କାର୍ବନ ନିର୍ଗମନ ହ୍ରାସ ପାଇବ ତାହା ନୁହେଁ, ବରଂ ଅଶୋଧିତ ତୈଳର ଆମଦାନୀ ଉପରେ ମଧ ଭାରତର ନିର୍ଭରତା ହ୍ରାସ ପାଇବ। ଏହି ବିରାଟ କାର୍ଯ୍ୟକ୍ରମ ସହିତ ଜଡ଼ିତ ସମସ୍ତ ଲୋକଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ବୋଲି ସେ କହିଛନ୍ତି ।

## ନବୀନ ପଟ୍ଟନାୟକ ବିଜେଡି ସଭାପତି ପଦ ପାଇଁ ଦାଖଲ କଲେ ପ୍ରାର୍ଥୀ ପତ୍ର

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିନ ଦଳୀୟ କାର୍ଯ୍ୟାଳୟ ଆସି ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେ ବିଜେଡି କାର୍ଯ୍ୟାଳୟକୁ ଆସି ନାମାଙ୍କନ ପତ୍ର ଭରିବା ସହ ଏହାକୁ ରିଟର୍ନିଂ ଅଫିସର ପ୍ରତାପ ଦେବଙ୍କ ନିକଟରେ ଜମା କରିଛନ୍ତି । ଦଶ ଜଣ ପ୍ରସ୍ତାବକଙ୍କ ସହ ଶ୍ରୀ ପଟ୍ଟନାୟକ ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।ଏହି ପଦ ପାଇଁ ଆଉ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିବାରୁ ସେ ଲଗାତାର ଅଷ୍ଟମ ଥର ପାଇଁ ଦଳର ସଭାପତି ଭାବେ ନିର୍ଦ୍ଦନ୍ଦରେ ନିର୍ବାଚିତ ହେବେ ବୋଲି ଜଣା ପଡିଛି । ରିଟର୍ନିଂ ଅଫିସର ପ୍ରତାପ ଦେବ କହିଛନ୍ତି ଯେ ଆସନ୍ତା କାଲି ନାମାଙ୍କନ ପତ୍ରର ଜାଂଚ ହେବ । ୨୫ ତାରିଖ ଦିନ ଯାଏ ନାମାଙ୍କନ ପତ୍ର ପ୍ରତ୍ୟାହାର କରା ଯାଇ ପାରିବ । ୨୬ ତାରିଖ ଦିନ ସକାଳେ ଏହାର ଫଳାଫଳ ନେଇ ଘୋଷଣା କରାଯିବା

ଏଠାରେ ଉଲ୍ଲେଖ କରା ଯାଇ ପାରେ ଯେ ଗତ ଫେବୃଆରୀ ୨୧ ତାରିଖ ଦିନ ଦଳ ପକ୍ଷରୁ ରାଜ୍ୟର ୩୩ଟି ସାଙ୍ଗଠନିକ ଜିଲ୍ଲାର ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରା ଯାଇଥିଲା ।

## ଆଗାମୀ ତିନିବର୍ଷ ପାଇଁ ଭ୍ରମଣଶୀଳ ପ୍ରଜାତିଙ୍କ ଉପରେ ଆୟୋଜିତ ସିଓପି ସମ୍ମିଳନୀର ସଭାପତିତ୍ୱ କରିବ ଭାରତ

ନୂଆଦିଲ୍ଲୀ: ଆଗାମୀ ତିନିବର୍ଷ ପାଇଁ ଭାରତ ଭ୍ରମଣଶୀଳ ପ୍ରଜାତିମାନଙ୍କ ଉପରେ ଆୟୋଜିତ ହେବାକୁ ଥିବା ସିଓପି ସମ୍ମିଳନୀର ସଭାପତିତ୍ୱ କରିବ ବୋଲି ସୂଚନା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରବିବାର ଦିନ ମନ କି ବାତ କାର୍ଯ୍ୟକ୍ରମରେ ସେ ଏହି ସୂଚନା ଦେବା ସହ ଏହି ସୁଯୋଗର ସଦୁପଯୋଗ କିପରି କରାଯାଇପାରେ ସେ ସମ୍ପର୍କରେ ନିଜର ମତାମତ ନିଶ୍ଚୟ ପଠାଇବାକୁ ଶ୍ରୀ ମୋଦି ଅନୁରୋଧ କରିଛନ୍ତି ।

ସେ କହିଛନ୍ତି ଯେ ଆମ ଦେଶର ମହାନ ପରମ୍ପରାମାନ ରହିଛି । ଆମର ପୂର୍ବପୁରୁଷମାନେ ଆମକୁ ଯାହା ଉତରାଧିକାର ସୂତ୍ରରେ ଦେଇଯାଇଛନ୍ତି, ଯେଉଁ ଶିକ୍ଷା-ଦୀକ୍ଷା ଆମେ ପାଇଛୁ, ସେଥିରେ ପ୍ରତ୍ୟେକ ଜୀବ ପ୍ରତି ଦୟାଭାବ, ପ୍ରକୃତି ପ୍ରତି ଅସୀମ ଭଲପାଇବା ଭଳି କଥାସବୁ ଆମର ସାଂସ୍କୃତିକ ପରମ୍ପରା । ତେଣୁ, ଭାରତର ଏହି ପରିବେଶର ଆତିଥ୍ୟ ଗ୍ରହଣ କରିବାକୁ ଦେଶ-ବିଦେଶର ବିଭିନ୍ନ ପ୍ରକାରର ପକ୍ଷୀ ପ୍ରତିବର୍ଷ ଭାରତ ଆସିଥାନ୍ତି । ଭାରତ ବର୍ଷସାରା ଅନେକ ବିଦେଶାଗତ ପକ୍ଷୀ-ପ୍ରଜାତିମାନଙ୍କ ଆଶ୍ରୟସ୍ଥଳ ପାଲଟିଥାଏ । ପାଂଚଶହରୁ ମଧ ଅଧିକ ପ୍ରକାରର ପକ୍ଷୀ ପୃଥିବୀର ବିଭିନ୍ନ ଅଂଚଳରୁ ଆସିଥାନ୍ତି । ବିଗତ ଦିନରେ ଗାନ୍ଧୀନଗରରେ ସିଓପି -୧୩ ସମ୍ମିଳନୀରେ ଏହି ବିଷୟରେ ବହୁତ ଆଲୋଚନା ହେଲା, ଚିନ୍ତା କରାଗଲା, ଚର୍ଚ୍ଚା ମଧ ହେଲା ଏବଂ ଭାରତର ପ୍ରୟାସଗୁଡ଼ିକର ବହୁତ ପ୍ରଶଂସା ମଧ କରାଗଲା । ସେ କହିଛନ୍ତି ଯେ ସିଓପି ସମ୍ମିଳନୀରେ ଚାଲିଥିବା ଏହି ଆଲୋଚନା ମଧ୍ୟରେ ମୋ ଦୃଷ୍ଟି ମେଘାଳୟ ସହ ସମ୍ପୃକ୍ତ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଡ଼କୁ ଗଲା । ନିକଟ ଅତୀତରେ ପ୍ରାଣୀବିଜ୍ଞାନୀମାନେ ମାଛର ଗୋଟିଏ ନୂତନ ପ୍ରଜାତି ଆବିଷ୍କାର କରିଛନ୍ତି, ଯାହା କେବଳ ମେଘାଳୟର ଗୁମ୍ଫାଗୁଡ଼ିକରେ ଦେଖାଯାଇଥାନ୍ତି । ଏହି ମାଛ ଗୁମ୍ଫାମାନଙ୍କର ଭୂମି ତଳେ ରହୁଥିବା ଜଳଚର ପ୍ରାଣୀମାନଙ୍କ ପ୍ରଜାତି ମଧ୍ୟରେ ସବୁଠାରୁ ବଡ଼ ବୋଲି ବିଶ୍ୱାସ କରାଯାଏ । ଏହି ମାଛ ଏଭଳି ଗଭୀର ଏବଂ ଅନ୍ଧାରୁଆ ଗୁମ୍ଫାଗୁଡ଼ିକରେ ବାସ କରେ ଯେଉଁଠାରେ ହୁଏତ ଆଲୋକ ମଧ ପହଂଚିପାରୁନଥିବ । ଏତେ ବଡ଼ ମାଛ ଏଭଳି ଗଭୀର ଗୁମ୍ଫାଗୁଡ଼ିକରେ କିଭଳି ବଂଚିପାରୁଛି ଏକଥାକୁ ନେଇ ବୈଜ୍ଞାନିକମାନେ ମଧ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଆମ ଭାରତ ଏବଂ ବିଶେଷକରି ମେଘାଳୟ ଗୋଟିଏ ଦୁର୍ଲ୍ଲଭ ପ୍ରଜାତିର ବାସସ୍ଥାନ ହୋଇଥିବା ଏକ ସୁଖକର ବିଷୟ । ଏହା ଭାରତର ଜୈବ ବିବିଧତାକୁ ଏକ ନୂତନ ପରିଚୟ ଦେବାକୁ ଯାଉଛି । ଆମ ଆଖପାଖରେ ଏତେଗୁଡ଼ିଏ ଆଶ୍ଚର୍ଯ୍ୟଜନକ କଥା ରହିଛି ଯାହା, ଏବେ ମଧ ଆମ ପାଇଁ ଅଜଣା । ଏହିସବୁ ଆଶ୍ଚର୍ଯ୍ୟକୁ ଖୋଜି ବାହାର କରିବା ପାଇଁ ଦୃଢ଼ ଅନୁସନ୍ଧିତ୍ସୁ ମନୋଭାବ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ

## ଇସ୍ରୋ ରକେଟ୍ ଲଂଚିଙ୍ଗ୍ ଦେଖିବା ପାଇଁ ସ୍କୁଲ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିବେଦନ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋ ରକେଟ୍ ଲଂଚିଙ୍ଗ୍ ଦେଖିବା ପାଇଁ ସ୍କୁଲ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ନିବେଦନ କରିଛନ୍ତି । ରବିବାର ଦିନ ମନ କି ବାତ କାର୍ଯ୍ୟକ୍ରମରେ ସେ ଏହା କହିଛନ୍ତି ।

ସେ କହିଛନ୍ତି ଯେ ଆଜିକାଲି ଆମ ଦେଶର ପିଲାମାନଙ୍କ ମଧ୍ୟରେ, ଯୁବବର୍ଗଙ୍କ ମନରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରତି ଆଗ୍ରହ ନିରନ୍ତର ଭାବେ ବଢ଼ିଚାଲିଛି । ମହାକାଶରେ ରେକର୍ଡ଼ ସଂଖ୍ୟକ ଉପଗ୍ରହ ପ୍ରେରଣ, ନୂଆ ନୂଆ ରେକର୍ଡ଼, ନୂଆ ନୂଆ ଅଭିଯାନ ପ୍ରତ୍ୟେକ ଭାରତୀୟଙ୍କ ମନ ଗର୍ବରେ ଭରିଦିଏ । ଚନ୍ଦ୍ରଯାନ-୨ ସମୟରେ ଯେତେବେଳେ ମୁଁ ବେଙ୍ଗାଲୁରୁରେ ଥିଲି, ସେତେବେଳେ ପିଲାମାନଙ୍କ ଉତ୍ସାହ ଦେଖିଲା ଭଳି ଥିଲା । ସେମାନଙ୍କ ଆଖିରେ ନିଦ ନ ଥିଲା । ସେମାନେ ସାରା ରାତି ଉଜାଗର ରହିଥିଲେ । ସେଥିରେ ବିଜ୍ଞାନ କାରିଗରୀବିଦ୍ୟା ଓ ନବୋନ୍ମେଷକୁ ନେଇ ଯେଉଁ ଉତ୍ସୁକତା ଥିଲା ତାହା ଆମେ କେବେହେଲେ ଭୁଲିପାରିବା ନାହିଁ । ପିଲା ଏବଂ ଯୁବବର୍ଗଙ୍କ ଏହି ଉତ୍ସାହକୁ ବୃଦ୍ଧି କରିବା ପାଇଁ, ସେମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ବୃଦ୍ଧି କରିବା ପାଇଁ ଆଉ ଗୋଟିଏ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏବେ ଆପଣମାନେ ଶ୍ରୀହରିକୋଟାରୁ ହେଉଥିବା ରକେଟ୍ ଲଂଚିଙ୍ଗ୍‌କୁ ସାମ୍ନାରେ ବସି ଦେଖିପାରିବେ । ନିକଟ ଅତୀତରେ ଏହାକୁ ସମସ୍ତଙ୍କ ପାଇଁ ଉନ୍ମୁକ୍ତ କରିଦିଆଯାଇଛି । ଦର୍ଶନକାରୀଙ୍କ ପାଇଁ ଗ୍ୟାଲେରୀ ନିର୍ମାଣ କରାଯାଇଛି, ଯେଉଁଥିରେ ୧୦ ହଜାର ଲୋକଙ୍କ ବସିବାର ବ୍ୟବସ୍ଥା କରାଯାଇଛି । ଇସ୍ରୋର ୱେବ୍‌ସାଇଟରେ ଦିଆଯାଇଥିବା ଲିଙ୍କ୍ ଜରିଆରେ ଅନ୍‌ଲାଇନ୍ ବୁକିଂ ମଧ କରିପାରିବେ । ମୋତେ ସୂଚନା ଦିଆଯାଇଛି ଯେ, ଅନେକ ସ୍କୁଲ ନିଜ ଛାତ୍ରଛାତ୍ରୀଙ୍କୁ ରକେଟ୍ ଲଂଚିଙ୍ଗ୍ ଦେଖାଇବା ପାଇଁ ଏବଂ ସେମାନଙ୍କୁ ପ୍ରେରଣା ଯୋଗାଇବା ପାଇଁ ପରିଭ୍ରମଣରେ ମଧ ସେଠାକୁ ନେଇଯାଉଛନ୍ତି । ଆଗାମୀ ଦିନମାନଙ୍କରେ ଏହି ବ୍ୟବସ୍ଥାର ଲାଭ ଉଠାଇବା ପାଇଁ ମୁଁ ସମସ୍ତ ସ୍କୁଲର ପ୍ରିନ୍ସିପାଲ୍ ଏବଂ ଶିକ୍ଷକମାନଙ୍କୁ ନିବେଦନ କରୁଛି ବୋଲି ସେ କହିଛନ୍ତି ।

## ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ପୁରୀ ଜିଲ୍ଲା ଗସ୍ତ

ଭୁବନେଶ୍ୱର, (ପି.ଏନ): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ପୁରୀ ଜିଲ୍ଲା ଗସ୍ତ ଅବସରରେ ପୁରୀସ୍ଥିତ ସର୍ବୋଦୟ ନଗର ଆଦର୍ଶ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ ଠାରେ ଅଭିଭାବକ ଓ ଶିକ୍ଷକଙ୍କ ଦ୍ୱିତୀୟ ଅଧିବେଶନ ବୈଠକରେ ଯୋଗଦାନ କରି କହିଲେ ଯେ, ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କରାଯିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏଥିସହିତ ପିଲାମାନଙ୍କ ଉପରେ ପଡୁଥିବା ପରୀକ୍ଷାର ଚାପକୁ କମାଇବା ପାଇଁ ପିତାମାତା, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସଚେତନ କରିବା ଏବଂ ପରୀକ୍ଷାକୁ ଛାତ୍ରଛାତ୍ରୀମାନେ ଜଟିଳ ନଭାବି କିପରି ସହଜ ଭାବେ ଗ୍ରହଣ କରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ଶ୍ରୀ ଦାଶ ପରାମର୍ଶ ଦେଇଥିଲେ ।

## ପାଳଗଦାରେ ଲାଗିଲା ନିଆଁ

### ଗୁରୁତର ୪ ଶିଶୁଙ୍କ ମଧ୍ୟରୁ ୩ ମୃତ

ଗଞ୍ଜାମ, (ପିଏନ)- ଖେଳୁ ଥିବାବେଳେ ପାଳଗଦାରେ ନିଆଁ ଲାଗିଯିବା କାରଣରୁ ଗୁରୁତର ୪ ଶିଶୁଙ୍କ ମଧ୍ୟରୁ ତିନି ଜଣଙ୍କର ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ଅନ୍ୟ ଜଣକ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି । ସମ୍ପ୍ରତି ସେ ସେଠାରେ ଚିକିତ୍ସାଧିନ ଅଛନ୍ତି । ମୃତାହତ ଶିଶୁମାନଙ୍କର ବୟସ ୬ରୁ ୯ ବର୍ଷ ମଧ୍ୟରେ ହେବ। ଆଜି ପୂର୍ବାହ୍ନରେ ଏଭଳି ଏକ ଦୁଃଖଦ ଘଟଣା ଘଟିଯାଇଛି ଗଂଜାମ ଜିଲ୍ଲାର ପୋଲସରା ବ୍ଲକ ଅନ୍ତର୍ଗତ ଖଇରଚଟା ଗ୍ରାମରେ । ଗ୍ରାମର ୫ରୁ ୬ ଜଣ ଶିଶୁ ଗ୍ରାମର ଶିବ ମନ୍ଦିର ନିକଟ ଏକ ପାଳଗଦା ପାଖରେ ଖେଳୁଥିବା ବେଳେ ହଠାତ୍ ପାଳଗଦାରେ କୌଣସି କାରଣରୁ ନିଆଁ ଲାଗି ତାହା ହୁତୁ ହୁତୁ ହୋଇ ଜଳି ଉଠିଥିଲା । ଗୁରୁତର ୪ ଶିଶୁଙ୍କୁ ଗ୍ରାମବାସୀଙ୍କ ସହାୟତା କ୍ରମେ ପ୍ରଥମେ ପୋଲସରା ଡ଼ାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଇତିଶ୍ରୀ ଜେନା, ଦୀପକ ଗୌଡ଼ ଓ ସାଇରାମ ଜାନିଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଦୁଇ ପୁଅ ଓ ଜଣେ ଝିଅ ରହିଛନ୍ତି । ଅନ୍ୟ ଜଣେ ବାଳକ ଆଲୋକ ଯେନା ଡ଼ାକ୍ତରଖାନାରେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି ।

## ରାଜ୍ୟ ବିଜେପି ସମବାୟ ପ୍ରକୋଷ୍ଠର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର(ପିଏନ)- ଭାରତୀୟ ଜନତାପାର୍ଟିର ସମବାୟ ପ୍ରକୋଷ୍ଠ ତରଫରୁ ରାଜ୍ୟ ବିଜେପି କାର୍ଯ୍ୟାଳୟର କୁଷାଭାଉ ଠାକ୍‌ରେ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇସାରିଛି । ଏହି ବୈଠକରେ ରାଜ୍ୟ ସମବାୟର ବିକାଶ ଦିଗରେ ରାଜ୍ୟସରକାରଙ୍କ ଆଭିମୁଖ୍ୟ ଉପରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ସମବାୟ ନିର୍ବାଚନର ଅବଧି ପୁରି ଯାଇଥିଲେ ସୁଦ୍ଧା ପୁନଃ ନିର୍ବାଚନ ନକରିବା ପାଇଁ ମସୁଧା କରିଥିବା ରାଜ୍ୟ ବିଜେପି ତରଫରୁ ଅଭିଯୋଗ କରାଯାଇଛି । ଏହି ବୈଠକରେ ରାଜ୍ୟ ବିଜେପି ସଭାପତି ଶ୍ରୀଯୁକ୍ତ ସମୀର ମହାନ୍ତି ଯୋଗଦେଇ ରାଜ୍ୟର ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ସମବାୟ ପ୍ରମୁଖ ଭୂମିକା ଉପରେ ଆଲୋଚନା କରିବା ସହିତ କେନ୍ଦ୍ରର ସମବାୟ ଉପଯୋଗୀ ଯୋଜନା ଗୁଡ଼ିକ ଉପରେ ଆଲୋଚନା କରିଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଜୁଏଲୋ ରାମ ସମବାୟ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିର ଆର୍ଥିକ ବିକାଶ ଘଟି ପାରିବ ବୋଲି ମତବ୍ୟକ୍ତ କରିବା ସହିତ ଓଡିଶା ରାଜ୍ୟରେ ସମବାୟ ସଂସ୍ଥା ମାନଙ୍କରେ ଚାଲିଥିବା ଦୁର୍ନିତୀ ଉପରେ ଉଦ୍‌ବେଗ ପ୍ରକାଶ କରିଥିଲେ । ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଶ୍ରୀମାନ୍ ରଞ୍ଜନ ପଟେଲ ଏବଂ ସଙ୍ଗଠନ ମହାମନ୍ତ୍ରୀ ଶ୍ରୀମାନ ମାନସ କୁମାର ମହାନ୍ତି, ରାଜ୍ୟସରକାର ଜାଣିଶୁଣି ସମବାୟ ନିର୍ବାଚନକୁ ବିଳମ୍ବ କରିବାରେ କରୁଥିବା ମସୁଧା ଠାରୁ ବିରତ ରହି ତୁରନ୍ତ ନିର୍ବାଚନ କରିବା ପ୍ରକ୍ରିୟା ପାଇଁ ଦାବି କରିଥିଲେ । ରାଜ୍ୟ ବିଜେପି ମୁଖପାତ୍ର ତଥା ସମବାୟ ପ୍ରକୋଷ୍ଠର ସଂଯୋଜକ ଶ୍ରୀଯୁକ୍ତ ଗୋଲକ ମହାପାତ୍ର ପ୍ରତ୍ୟେକ ସମବାୟ ସଂସ୍ଥାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରତ୍ୟେକ ଜିଲ୍ଲାର ସଂଯୋଜକ, ସହ ସଂଯୋଜକ ଓ ସମବାୟବିତ୍ ମାନେ ଯୋଗ ଦେଇଥିଲେ । ରାଜ୍ୟ ବିଜେପି ସମବାୟ ପ୍ରକୋଷ୍ଠର ସହ ସଂଯୋଜକ ଶ୍ରୀଯୁକ୍ତ ପବିତ୍ର ମୋହନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ କାର୍ଯ୍ୟକ୍ରମରେ ଗୌରୀଶଙ୍କର ପଟ୍ଟନାୟକ, ପୂର୍ଣ୍ଣିମା କେର୍‌କେଟା, ପଦ୍ମଜା ଦେବତା, କାଳି ରାୟଗୁରୁ, ଗୌରୀ ପ୍ରସାଦ ପଟ୍ଟନାୟକ, ରାମଚନ୍ଦ୍ର ପାତ୍ର, ବିଜୟ ରାଉତରାୟ, ଅନୁପ ପରିଡା, ପୂର୍ଣ୍ଣଚନ୍ଦ୍ର ନନ୍ଦ, ଇଂଜିନିୟର ଅଜୟ ସାହୁ, ପୂର୍ବତନ ବିଧାୟକ ବିରାମ ମୁର୍ମୁ, ପର୍ଶୁରାମ ପରିଡା, ପ୍ରଦୀପ ନାୟକ, ସୁକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କଠାରୁ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ପାଇବା ପରେ ଧାରଣରୁ ହଟିଲେ ଅନୁପ ସାଏଙ୍କ ପରିବାର

ଭୁବନେଶ୍ୱର, (ପିଏନ)-- ଜିଲ୍ଲାପାଳଙ୍କଠାରୁ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ପାଇବା ପରେ ମା, ଝିଅଙ୍କର ହତ୍ୟାକାଣ୍ଡରେ ଛତିଶଗଡ଼ର ରାୟଗଡ଼ ପୋଲିସ ଦ୍ୱାରା ଗିରଫ ହୋଇଥିବା ପୂର୍ବତନ ବିଧାୟକ ଅନୁପ ସାଏଙ୍କର ପରିବାର ଧାରଣା ପ୍ରତ୍ୟାହାର କରିଛନ୍ତି । ସିବିଆଇ ତଦନ୍ତ ଦାବି କରି ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ବିଧାୟକ ଶ୍ରୀ ସାଏଙ୍କର ସ୍ତ୍ରୀ, ଝିଅ, ମା, ଭାଇ, ପୁଅ, ପୁତୁରା ଧାରଣାରେ ବସିଥିଲେ । ସେମାନଙ୍କର ସୁରକ୍ଷା ଦାବି କରି ସେମାନେ ଏହି ଧାରଣା ଦେଇଥିଲେ । ଜିଲ୍ଲାପାଳ ସେମାନଙ୍କୁ ବହୁତ ବୁଝାସୁଝା କରିବା ସହ ସେମାନଙ୍କର ଦାବି ସମ୍ପର୍କରେ ଗୃହ ବିଭାଗକୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟପକ୍ଷରେ ଅଭିଯୁକ୍ତ ଆସାମୀଙ୍କର ପତ୍ନୀ କହିଛନ୍ତି ଯେ, ଛତିଶଗଡ଼ ପୋଲିସ ଦ୍ୱାରା ଚାଲିଥିବା ତଦନ୍ତରେ ସେ ଖୁସି ନୁହଁନ୍ତି । ଯେଉଁଦିନ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଲେ ସେ କଳ୍ପନା ଦାସଙ୍କ ନାମ ଶୁଣିଲେ । ସେ ତାଙ୍କୁ ଜାଣି ନାହାନ୍ତି କି ଚିହ୍ନି ନାହାନ୍ତି । ଏପରିକି ତାଙ୍କ ସମ୍ପର୍କରେ କେବେବି ଘରେ ଆଲୋଚନା ହୋଇନାହିଁ । କାହାକୁ କିଛି ନ ଜଣାଇ ତାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଛି ଏବଂ ତାଙ୍କ ପୁଅକୁ ମଧ୍ୟ ନୋଟିସ ଦିଆଯାଇଛି ବୋଲି ଶ୍ରୀମତୀ ସାଏ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଗତକାଲିଠାରୁ ଅନୁପଙ୍କ ପରିବାର ଦୀର୍ଘ ୨୨ ଘଂଟା ଧରି ଏହି ଧାରଣାରେ ବସିଥିଲେ ।

## ସଂକଟରେ ଘରୋଇ ମିଲର : ୪୦ ଭାଗ ଧାନ କିଣିବେ ବାହାର ଜିଲା ମିଲର

ଭଦ୍ରକ, (ପି.ଏନ): ଭଦ୍ରକ ଜିଲାର ଚଳିତ ବର୍ଷ ବାହାର ଜିଲା ମିଲର ପ୍ରାୟ ୪୦ ଭାଗ ଧାନ କିଣିବେ। ବର୍ତ୍ତମାନ ସୁଦ୍ଧା ସରକାର ଭଦ୍ରକ ଜିଲାରୁ ୧୩ ଲକ୍ଷ ୩୮ ହଜାର କ୍ୱିାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ସେଥିରୁ ପ୍ରାୟ ୫ ଲକ୍ଷ ୫୦ ହଜାର କ୍ୱିାଲ ଧାନ କେବଳ ବାହାର ଜିଲା ମିଲରଙ୍କ ଜରିଆରେ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଅବଶିଷ୍ଟ ଧାନକୁ ଜିଲା ମିଲରଙ୍କ ଜରିଆରେ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିନେଇ ଜିଲା ଯୋଗାଣ ବିଭାଗ ପକ୍ଷରୁ ସ୍ପଷ୍ଟ ଭାବେ କୌଣସି ସୂଚନା ଦିଆଯାଇନଥିଲେ ମଧ ଜିଲାରୁ ସରକାରୀ ଧାନ ସଂଗ୍ରହ ସକାଶେ ବାହାର ଜିଲା ମିଲରଙ୍କ ଠାରୁ ନିଗମ ରଖିଥିବା ସିକ୍ୟୁରିଟି ଅର୍ଥରୁ ଏହି କଥା ପ୍ରମାଣିତ ହେଉଛି। ରାଜ୍ୟ ଯୋଗାଣ ନିଗମ କର୍ତ୍ତୃପକ୍ଷଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେଲେ କୋଟି କୋଟି ଟଙ୍କା ବ୍ୟୟରେ ଋଣ କରଜ କରି ରାଇସ୍ ମିଲ୍ ପ୍ରତିଷ୍ଠା କରିଥିବା ଜିଲା ମିଲରଙ୍କ ଜୀବିକା ବୁଡିବା ନିଶ୍ଚିତ ହୋଇଛି। ଯାହାକୁ ନେଇ ଏବେ ଜିଲା ମିଲରମାନେ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ଧାନ ସଂଗ୍ରହ କରିବାକୁ ମୋଟ ୩୧ଟି ମିଲର ଯୋଗାଣ ବିଭାଗ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଥିବାବେଳେ ସେଥିରୁ ଘରୋଇ ମିଲରଙ୍କ ସଂଖ୍ୟା ମାତ୍ର ୨୦ ରହିଥିବା ବେଳେ ବାହାର ଜିଲା ମିଲରଙ୍କ ସଂଖ୍ୟା ୧୧ ରେ ପହଂଚିଛି। ସୂଚନା ଅନୁଯାୟୀ ସମ୍ବଲପୁର ଜିଲାରୁ ୮ଟି ମିଲରଙ୍କୁ ଭଦ୍ରକ ଜିଲା ଧାନ କିଣାରେ ସାମିଲ କରାଯାଇଥିବାବେଳେ ପଡୋଶୀ ଯାଜପୁର ଜିଲାରୁ ୨ଟି ଏବଂ ଖୋର୍ଦ୍ଧା ଜିଲାରୁ ଗୋଟିଏ ମିଲରଙ୍କୁ ଜିଲା ଧାନ କିଣାରେ ସାମିଲ କରାଯାଇଛି। ଏହା ବାଦ ଏକାଧିକ ବାହାର ଜିଲା ମିଲରଙ୍କ ସଂପୃକ୍ତି ନେଇ ମୁଲଚାଲ ଚାଲିଥିବା ଜଣାପଡିଛି। ସବୁଠାରୁ ବଡକଥା ହେଲା ସରକାରୀ ଧାନ ସଂଗ୍ରହରେ ଯୋଗାଣ ନିଗମକୁ ମଣ୍ଡିରୁ ମିଲ ପର୍ଯ୍ୟନ୍ତ ଧାନକିଣା ଏବଂ ଚାଉଳ ସଂଗ୍ରହ ପାଇଁ ମିଲରୁ ଯୋଗାଣ ନିଗମ ଗୋଦାମ୍ ପର୍ଯ୍ୟନ୍ତ ପରିବହନ ଖର୍ଚ୍ଚ ବହନ କରିବାକୁ ପଡୁଥିବାବେଳେ ଯୋଗାଣ ନିଗମ କେଉଁ ପରିସ୍ଥିତିରେ ନିଜ ଜିଲା ମିଲରଙ୍କୁ ଅଣଦେଖା କରି ଧାର୍ଯ୍ୟ ଖର୍ଚ୍ଚ ଠାରୁ ଅଧିକ ୧୦ ଗୁଣ ଅର୍ଥ ଅଧିକ ଖର୍ଚ୍ଚ କରି ବାହାର ଜିଲା ମିଲର ନିଯୁକ୍ତିକୁ ଅଗ୍ରାଧିକାର ଦେଉଛନ୍ତି, ତାହା ତଦନ୍ତ ସାପେକ୍ଷ ବୋଲି କୁହାଯାଉଛି। ଗତବର୍ଷ ଭଦ୍ରକ ଜିଲାରେ ପ୍ରାୟ ୧୯ ଲକ୍ଷ କ୍ୱିାଲ ଧାନ ସଂଗ୍ରହ ହୋଇଥିବାବେଳେ ବାହାର ଜିଲା ମିଲରଙ୍କ ଜରିଆରେ ପ୍ରାୟ ୯ ଲକ୍ଷ ଏବଂ ଘରୋଇ ମିଲରଙ୍କ ଜରିଆରେ ପ୍ରାୟ ୧୦ ଲକ୍ଷ କ୍ୱିାଲ ଧାନ ସଂଗ୍ରହ କରାଯାଇଥିଲା। ରାଜ୍ୟ ଯୋଗାଣ ନିଗମ କର୍ତ୍ତୃପକ୍ଷଙ୍କର ଏହି ଧରଣର ବାହାର ଜିଲା ମିଲର ପ୍ରୀତି ଯୋଗୁଁ ଗତ ୩ ବର୍ଷରେ ଭଦ୍ରକ ଜିଲାରେ ଘରୋଇ ମିଲରଙ୍କ ସଂଖ୍ୟା ୩୦ ରୁ ହ୍ରାସ ପାଇ ୨୦ ରେ ପହଂଚି ସାରିଲାଣି। ଅର୍ଥାଭାବରୁ ଘରୋଇ ମିଲରମାନେ ଥାକ ଥାକ କରି ଯୋଗାଣ ନିଗମକୁ ସିକ୍ୟୁରିଟି ଦେଇ ଧାନ ସଂଗ୍ରହ ପାଇଁ ଆଗ୍ରହ ପ୍ରକାଶ କରୁଥିବା ବେଳେ ଯୋଗାଣ ନିଗମ ଏହାକୁ ପ୍ରତ୍ୟାଖାନ କରି ବାହାର ଜିଲା ମିଲରଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଥିବାରୁ ଏହି ଧରଣର ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି। ଭଦ୍ରକ ଜିଲାରେ ବିପୁଳ ଧାନ ଉତ୍ପାଦନକୁ ଦୃଷ୍ଟିରେ ରଖି ଜିଲାର ବହୁ ଶିକ୍ଷିତ ବେକାର ସରକାରୀ ଋଣ କରଜ କରି ରାଇସ୍ ମିଲ୍ ଶିଳ୍ପ ପ୍ରତିଷ୍ଠା କରୁଥିବାବେଳେ ରାଜ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି ଯୋଗୁଁ ବର୍ଷସାରା ମିଲ୍ ଚଳାଇବାକୁ ଧାନ ନପାଇ ବହୁ ମିଲ୍ ବନ୍ଦ ହୋଇଯାଉଛି। ରାଜ୍ୟ ଯୋଗାଣ ନିଗମର ଏହି ଧରଣର ସ୍ୱେଚ୍ଛାଚାରୀ ନୀତି ଯୋଗୁଁ ଗତ ୫ ବର୍ଷ ମଧ୍ୟରେ ଭଦ୍ରକ ଜିଲାରେ ଅନ୍ୟୁନ ୧୦ଟି ରାଇସ୍‌ମିଲ୍ ବନ୍ଦ ହୋଇଯାଇଥିବା ଜଣାପଡିଛି। ତେବେ ଏଥିନେଇ ଜିଲା ଯୋଗାଣ ଅଧିକାରୀ ଶ୍ରୀ ମୀରା ରାଜା ଅଲ୍ଲୀଙ୍କୁ ଯୋଗାଯୋଗ କରାଯାଇ ଥିବାବେଳେ ଜିଲା ମିଲରମାନେ ଆବଶ୍ୟକ ମତେ ସିକ୍ୟୁରିଟି ଅର୍ଥ ଦେଇପାରୁନଥିବାରୁ ଜିଲାରେ ଧାନ ସଂଗ୍ରହ ବାଧାପ୍ରାପ୍ତ ନହେବା ଆଶଙ୍କା କରି ସରକାର ଏହି ବ୍ୟବସ୍ଥା ଗ୍ରହଣ କରୁଛନ୍ତି ବୋଲି କହିଛନ୍ତି। ତେବେ ଅସଲରେ ରାଜ୍ୟର ପ୍ରତିଷ୍ଠିତ ରାଇସ୍ ମିଲରମାନଙ୍କ ସହିତ ରାଜ୍ୟ ଯୋଗାଣ ନିଗମର ଉପରିସ୍ଥ ଅଧିକାରୀଙ୍କର ସଲା ସୁତୁରାରେ ଏହି କାର୍ଯ୍ୟ ଚାଲିଥିବା ଅଭିଯୋଗ ହେଉଛି। ଯାହାର ଉଚ୍ଚସ୍ତରୀୟ ତଦନ୍ତ ଦାବୀ କରାଯାଇଛି।

## ସେସୁର ବିଦ୍ୟୁତ୍ କାଟ୍ ଅଭିଯାନ ଦ୍ୱିତୀୟ ଦିନରେ

ଭୁବନେଶ୍ୱର,(ପି.ଏନ): ଶନିବାର ଦ୍ୱିତୀୟ ଦିନରେ ବି ସେସୁ ପକ୍ଷରୁ ବକେୟା ବିଦ୍ୟୁତ୍ ବିଲ୍ ଦେଇନଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ କାଟ୍ ଅଭିଯାନ ଜାରି ରହିଛି। ଦ୍ୱିତୀୟ ଦିନରେ କଟକ ସହରର ମଧୁପାଟଣା, ବାଦାମବାଡ଼ି, ଦୋଳମୁଣ୍ଡାଇ ଓ ବକ୍ସି ବଜାର ଅଂଚଳରେ ବକେୟା ବିଲ ପୈଠ କରିନଥିବା ଅନେକ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକର ବିଦ୍ୟୁତ୍ କାଟ ହୋଇଛି। ବକେୟା ବିଲ୍ ପୈଠ କରିବାକୁ ଚେତାବନୀ ପରେ ଗତକାଲିଠାରୁ ବିଭିନ୍ନ ଜିଲ୍ଲାରେ ସେସୁ ପକ୍ଷରୁ ବିଦ୍ୟୁତ୍ କାଟ୍ ପ୍ରକ୍ରିୟା ଆରମ୍ଭ ହୋଇଛି । ସେସୁ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ପ୍ରଥମ ଦିନରେ ୧,୫୪୫ ଜଣ ଉପଭୋକ୍ତାଙ୍କର ବିଦ୍ୟୁତ ସଂଯୋଗ କଟା ଯାଇଥିଲା। ବକେୟା ବିଲ ବାବଦରେ ୫ କୋଟି ୩୮ ଲକ୍ଷରୁ ଅଧିକ ଟଙ୍କା ଆଦାୟ ହୋଇଥିଲା। ପୁରୀରେ ସବୁଠୁ ଅଧିକ ବକେୟା ବିଲ୍ ଆଦାୟ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅଛନ୍ତି ସେସୁ ଟାର୍ଗେଟରେ ସ୍ୱଚ୍ଛଳ ବର୍ଗର ଉପଭୋକ୍ତା, ଯେଉଁମାନେ ଅଧିକ ଟଙ୍କା ବକେୟା ରଖିଛନ୍ତି । ସେମାନଙ୍କ ଘରୁ ବିଜୁଳି ସଂଯୋଗ କାଟିବେ ସେସୁ କର୍ମଚାରୀ । ଗୁରୁବାର ୧୪ ହଜାର ଉପଭୋକ୍ତା ବିଦ୍ୟୁତ ବିଲ ପୈଠ କରିଥିବାରୁ ସେସୁ ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ଦିଆଯାଇଛି।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ❖ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ (୧୮୩୫-୧୯୦୪)
- ❖ ନାସା ପ୍ରଥମ ସକ୍ରିୟ ସାଟେଲାଇଟ୍ ରିଲେ-୧କୁ ମହାଆକଶକୁ ପଠାଇଥିଲା (୧୯୬୨)
- ❖ ଭାରତୀୟ ସଂସଦ ଭବନରେ ଆତଙ୍କବାଦୀଙ୍କ ଆକ୍ରମଣ, ଆତଙ୍କବାଦୀ ସମେତ ୧୨ ମୃତ (୨୦୦୧)
- ❖ ଭାରତୀୟ ଅର୍ଥଶାସ୍ତ୍ର ବିଶାରଦ ସଂଜୟ ଲାଲଙ୍କ ଜନ୍ମ (୧୯୪୦-୨୦୦୫)
- ❖ ଭାରତୀୟ ଅଭିନେତ୍ରୀ ତଥା ଗୀତିକାର ସ୍ୱସ୍ତିକା ମୁଖାର୍ଜୀଙ୍କ ଜନ୍ମ (୧୯୮୦)
- ❖ ଭାରତୀୟ ବିଜ୍ଞାନ ଓ ପ୍ରଦ୍ୟୋଗିକ ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ଜନ୍ମ (୧୯୫୪)

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## 'ପଦ୍ମାବତୀ'ରେ ଐଶ୍ୱର୍ଯ୍ୟା



ନିର୍ଦ୍ଦେଶକ ସୟ ଲୀଲା ଭଂସାଲୀ ଏବେ ତାଙ୍କର ଆଗାମୀ ଫିଲ୍ମ 'ପଦ୍ମାବତୀ'ର ସୁଟିଂ ଆରମ୍ଭ କରିଦେଇଛନ୍ତି । ଯେଉଁଥିରେ ମୁଖ୍ୟ ଭୂମିକାରେ ରହିଛନ୍ତି ଦୀପିକା ପାଦୁକୋନ, ରଣବୀର ସିଂହ ଓ ଶାହିଦ କପୁର । କିନ୍ତୁ ଲାଗୁଛି ଏତିକିରେ ବୋଧେ ମନଭରି ନାହିଁ ସୟଙ୍କର । ସେ ଫିଲ୍ମରେ ଆଉ କିଛି ତଡକା ଦେବା ପାଇଁ ଚାହୁଁଛନ୍ତି । ସେଥିପାଇଁ ତ ଐଶ୍ୱର୍ଯ୍ୟାଙ୍କୁ ଫିଲ୍ମରେ ନେଇଛନ୍ତି । ଶୁଣିବାକୁ ମିଳୁଛି ଭଂସାଲୀ ଫିଲ୍ମଟିକୁ ଆଉ ଟିକେ ମସାଲାଦାର କରିବା ପାଇଁ ଐଶ୍ୱର୍ଯ୍ୟାଙ୍କୁ ସାଇନ କରିଛନ୍ତି । ତେବେ ଐଶ୍ ଏଥିରେ ମୁଖ୍ୟ ଭୂମିକାରେ ନୁହେଁ ବରଂ ଅତିଥି ଭୂମିକାରେ ଆସିବେ । ଫିଲ୍ମରେ ତାଙ୍କର କେବଳ ଗୋଟିଏ ଗୀତ ରହିବ । ଆଉ ସେଥିପାଇଁ ସେ ଖୁବ୍ ଶୀଘ୍ର ସୁଟିଂ ମଧ୍ୟ ଆରମ୍ଭ କରିବେ । ତେବେ ଏହାପୂର୍ବରୁ ମଧ୍ୟ ଐଶ୍ ସୟଙ୍କ ସହ ଫିଲ୍ମ 'ଦେବଦାସ' ଓ 'ଗୁଜାରିସ୍' କରିସାରିଛନ୍ତି । ଦୁଇଟିଯାକ ଖୁବ୍ ସଫଳତା ମଧ୍ୟ ପାଇପାରିଛି । ଏବେ ଅପେକ୍ଷା କେବଳ ପଦ୍ମାବତୀର ରିଲିଜକୁ ।

## ସାନିଟେସନ୍ ଚାମ୍ପିଆନ୍ ମୌଦ୍ରିତା

ଜାମସେଦପୁର ଯେଉଁ ବୟସରେ ଶିଶୁମାନେ ନିଜ ପକେଟ ମନିକୁ ଆଇସ୍‌କ୍ରିମ୍, ଭଲ ପୋଷାକ, ମନ ପସନ୍ଦର ଖେଳଣା କିଣିବାରେ ଖର୍ଚ୍ଚ କରନ୍ତି ସେହି ବୟସରେ ଯଦି ଜଣେ ଶିଶୁ ନିଜ ସଞ୍ଚିତ ଅର୍ଥକୁ ଶୌଚାଳୟ ତିଆରି ବାବଦରେ ଖର୍ଚ୍ଚ କରେ ତେବେ ନିଶ୍ଚିତ ଏହି ପଦକ୍ଷେପକୁ ପ୍ରଶଂସା କରିବେ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜାମସେଦପୁରରେ । ହିଲ୍‌ଟପ୍ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ମୌଦ୍ରିତା ଚାଟାର୍ଜୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛତା ଅଭିଯାନରେ ପ୍ରେରିତ ହୋଇ ଶୌଚାଳୟ ନିର୍ମାଣ ପାଇଁ ନିଜ ସଂଚିତ ଅର୍ଥ ପ୍ରଦାନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ସେ ନିଜ ଅର୍ଥରେ ଦୁଇଟି ଶୌଚାଳୟ ନିର୍ମାଣ କରିସାରିଲେଣି । ମୌଦ୍ରିତାଙ୍କ ଏହି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିବା ସହ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ମଧ୍ୟ ମୌଦ୍ରିତାଙ୍କୁ ସମ୍ମାନୀତ କରିଛନ୍ତି । ତାଙ୍କୁ ସାନିଟେସନ୍ ଚମ୍ପିଆନ୍ ଆଖ୍ୟା ପ୍ରଦାନ କରାଯାଇଛି । ମୌଦ୍ରିତା କହିଛନ୍ତି ଯେ ଆଗାମୀ ଦିନରେ ମଧ୍ୟ ମୁଁ ମୋର ସଂଚିତ ଅର୍ଥକୁ ସ୍ୱଚ୍ଛତା ଅଭିଯାନ ବାବଦରେ ଖର୍ଚ୍ଚ କରିବି ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା



ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣା ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜ୍ଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ଅତିଥି ବେଶରେ ଆତଙ୍କବାଦୀ

ରୋହିଙ୍ଗ୍ୟା ମୁସଲମାନ ଘଟଣାକୁ ନେଇ ଆଜିକାଲି ଆମ ଦେଶରେ ରାଜନୀତି ପାଣିପାଗରେ ଉଷ୍ମତା ଦେଖାଦେଇଛି । ଏଥିଲାଗି ଏବେ ଦେଶରେ ମହାଭାରତ । ମିଆଁମାରରୁ ଆସିଥିବା ଏହି ଶରଣାର୍ଥିଙ୍କୁ ନେଇ ଦେଶର ରାଜନୀତି ଏବେ ଦୁଇ ଭାଗ । କଂଗ୍ରେସ ନେତା ମଣିଶଙ୍କର ଆୟାର, ଏସ୍‌ପି ନେତା ଆଜମ୍ ଖାନ ଆଦି ନେତା ରୋହିଙ୍ଗ୍ୟା ମୁସଲମାନଙ୍କୁ ଶରଣ ଦେବା ସପକ୍ଷରେ ଯୁକ୍ତି କରିଥିବା ବେଳେ ଜେଡିୟୁ ନେତା ଅଲି ଅନୱାର କହିଛନ୍ତି ଯେ ଏ ଦେଶ ଅନେକ ଶରଣାର୍ଥିଙ୍କୁ ଆଶ୍ରୟ ଦେଇଛି, ଏବେ ରୋହିଙ୍ଗ୍ୟା ମୁସଲମାନମାନଙ୍କୁ ଶରଣାର୍ଥି କରିବାରେ ଅସୁବିଧା କେଉଁଠି ? ଦେଶର ସରକାର ରୋହିଙ୍ଗ୍ୟାଙ୍କୁ ଶରଣ ଦେବା ପକ୍ଷରେ ନଥିବା ବେଳେ ଅନେକ ରାଜନେତା ଏହାକୁ ହିନ୍ଦୁ-ମୁସଲମାନ ଚଷମାରେ ଦେଖୁଛନ୍ତି । ବିରୋଧୀ ଏହାକୁ ସରକାରଙ୍କର ମୁସଲମାନ ବିରୋଧୀ ନୀତି ବୋଲି କହୁଛନ୍ତି । ଏହି ରାଜନୀତିର ସାପ ସିଡି ଖେଳ ଭିତରେ ଆମକୁ ଦେଶର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ହେବ । ଆମକୁ ପ୍ରଥମେ ଜାଣିବାକୁ ହେବ ରୋହିଙ୍ଗ୍ୟା ମୁସଲମାନ କିଏ ? ସେମାନେ ଭାରତକୁ କିପରି ଆସିଲେ ? ସେମାନଙ୍କୁ ନେଇ ବର୍ତ୍ତମାନ କି ପରିସ୍ଥିତି ସୃଷ୍ଟି ହୋଇଛି ?

ଦେଶରେ ଥିବା ତଥାକଥିତ କିଛି ମାନବତାବାଦୀ ରୋହିଙ୍ଗ୍ୟା ମୁସଲମାନଙ୍କ ଲାଗି ଅଣ୍ଟା ଭିଡିଛନ୍ତି । ସେମାନଙ୍କ ମତରେ ରୋହିଙ୍ଗ୍ୟା ମୁସଲମାନ ପଞ୍ଜିକୃତ ଶରଥାର୍ଥି । ସେମାନଙ୍କୁ ଭାରତରୁ ବିତାଡିତ କରିବା ସମ୍ବିଧାନ ଧାରା ୧୪ ଏବଂ ୨୧ର ଉଲଘଂନ ହେବ । ଧାରା ୧୪ରେ ଭାରତ ସମ୍ବିଧାନ ସମସ୍ତଙ୍କୁ ସମାନତା ଅଧିକାର ଦେଇଛି ଏବଂ ଧାରା ୨୧ ସମସ୍ତଙ୍କୁ ସମାନ ଭାବରେ ବଞ୍ଚିବାକୁ ଅଧିକାର ଦେଇଛି । ଦେଶର ବିଭିନ୍ନ ଭାଗରେ ରହୁଥିବା ରୋହିଙ୍ଗ୍ୟା ମୁସଲମାନଙ୍କ ପରିସ୍ଥିତି ବହୁତ ଖରାପ । ଏହା ହେଉଛି ଏକ ଆନ୍ତଃରାଷ୍ଟ୍ରୀୟ ସମସ୍ୟା । ଏ ସମସ୍ୟାର ସମାଧାନ ଆନ୍ତଃରାଷ୍ଟ୍ରୀୟ ସ୍ତରରେ ହେବାକୁ ଥିବାବେଳେ ଭାରତ ସରକାର ସେମାନଙ୍କୁ ଦେଶରୁ ବିତାଡିତ କରିବାକୁ ଚାହିଁଛନ୍ତି । ଏହା କ'ଣ ମାନବିକତା ?

ଅନ୍ୟପକ୍ଷରେ ଭାରତ ସରକାର କହୁଛନ୍ତି ସେମାନେ ଦେଶ ପାଇଁ ବିପଦ । ରୋହିଙ୍ଗ୍ୟାଙ୍କୁ ଦେଶରୁ ବିତାଡିତ କରିବା ମାମଲାରେ ସୁପ୍ରିମକୋର୍ଟରେ ଜବାବ ଦାଖଲ କରିଛନ୍ତି କେନ୍ଦ୍ର ସରକାର । ରୋହିଙ୍ଗ୍ୟାମାନେ ଦେଶରେ ବେଆଇନ ଭାବେ ରହୁଛନ୍ତି । ସେମାନେ ଦେଶର ନିରାପତ୍ତା ଏବଂ ସୁରକ୍ଷା ପ୍ରତି ବଡ ବିପଦ ବୋଲି କେନ୍ଦ୍ର ସରକାର ନିଜର ଜବାବରେ ମାନ୍ୟବର ଶୀର୍ଷ କୋର୍ଟଙ୍କୁ ଜଣାଇଛନ୍ତି । ବିତାଡିତ ମାମଲାରେ ରୋହିଙ୍ଗ୍ୟାମାନଙ୍କ ପକ୍ଷରୁ ଏହାକୁ ବିରୋଧ କରି ଦାଖଲ ହୋଇଛି ଏକାଧିକ ପିଟିଶନ । ଏ ସମସ୍ତ ତର୍କ ବିତର୍କ ମଧ୍ୟରୁ କିଏ ଠିକ୍ କିଏ ଭୁଲ ତାହା ଏବେ ବିଚାରଣୀୟ ବିଷୟ । ସରକାର ଠିକ୍ କହୁଛନ୍ତି ନା ତଥାକଥିତ ମାନବତାବାଦୀମାନେ ଠିକ୍ କହୁଛନ୍ତି ?

ଏବେ ଆମକୁ ବୁଝିବାକୁ ପଡିବ ଯେ ଭାରତ ସରକାର ରୋହିଙ୍ଗ୍ୟା ମୁସଲମାନ ଭାରତ ପ୍ରତି ବିପଦ ବୋଲି କାହିଁକି କହୁଛନ୍ତି ? ଭାରତ ସରକାର କହୁଛନ୍ତି ଏହି ରୋହିଙ୍ଗ୍ୟାମାନଙ୍କ ମଧ୍ୟରେ ଅନେକଙ୍କର ଆତଙ୍କବାଦୀଙ୍କ ସହିତ ସଂପର୍କ ରହିଛି । ସେମାନେ ଆତଙ୍କବାଦୀ କାର୍ଯ୍ୟକଳାପରେ ମଧ୍ୟ ଲିପ୍ତ ଅଛନ୍ତି ।

ରୋହିଙ୍ଗ୍ୟା ମୁସଲମାନ କହୁଛନ୍ତି ସେମାନେ ମିଆଁମାର ରଖାଇନ ରାଜ୍ୟର ବାସିନ୍ଦା । ସେମାନଙ୍କର ନିଜସ୍ୱ ସଂସ୍କୃତି, ନିଜସ୍ୱ ଭାଷା ଓ ନିଜସ୍ୱ ପରିଚୟ ଅଛି । ରଖାଇନରେ ଏବେ ଅଧିକରୁ ଅଧିକ ରୋହିଙ୍ଗ୍ୟା ମୁସଲମାନ ଅଟନ୍ତି ବୋଲି ସେମାନେ ଦାବି କରୁଛନ୍ତି ।

ଏଠାରେ ବୌଦ୍ଧ ଏବଂ ରୋହିଙ୍ଗ୍ୟା ମୁସଲମାନମାନଙ୍କ ମଧ୍ୟରେ ହେଉଥିବା ସଂଘର୍ଷ ବହୁ ପୁରାତନ ଅଟେ । ଷଷ୍ଠ ଶତାବ୍ଦୀ ସମୟରେ ସଂପୂର୍ଣ୍ଣ ମଧ୍ୟ ଏସିୟାରେ ବୌଦ୍ଧ ମତ ପ୍ରସାରିତ ହୋଇ ସାରିଥିଲା । ବାମିୟାନ ସମେତ ଅନେକ ସ୍ଥାନରେ ବୁଦ୍ଧଙ୍କ ପ୍ରତିମା ପ୍ରତିଷ୍ଠା ହୋଇ ସାରିଥିଲା । ମୁସଲମାନଙ୍କ ଇସଲାମ୍ ଧର୍ମ ପାଇଁ ଏହା ବିପଦ ବୋଲି ସେମାନେ ଭାବୁଥିଲେ, ଯେଉଁଥି ପାଇଁକି ସେମାନେ ବୌଦ୍ଧଙ୍କ ପ୍ରତି ଅସହିଷ୍ଣୁ ଥିଲେ । ଏହି କାରଣରୁ ରୋହିଙ୍ଗ୍ୟା ମୁସଲମାନମାନେ ବୌଦ୍ଧଙ୍କ ଉପରେ ବାରମ୍ବାର ଅତ୍ୟାଚାର କରୁଥିଲେ । ପଂଚଦଶ ଶତାବ୍ଦୀରେ ବଙ୍ଗଳାର ସୁଲତାନ ଥିଲେ ଜଲ୍ଲାଉଦ୍ଦୀନ ମହମ୍ମଦ । ସୁ ମୁନ ଜଲ୍ଲାଉଦ୍ଦୀନଙ୍କ ସୈନ୍ୟ ସହଯୋଗ ନେଇ ରଖାଇନର ରାଜାଙ୍କୁ ପରାସ୍ତ କରି ରାଜ୍ୟ ଦଖଲ କଲେ । ସୁଲତାନ ଏହି ମଉକାରେ ବହୁସଂଖ୍ୟକ ମୁସଲମାନଙ୍କୁ ରଖାଇନକୁ ପଠାଇଦେଲେ । ଏହାପରେ ବଙ୍ଗଳାରେ ପ୍ରାୟ ୧୦୦ ବର୍ଷଧରି ପର୍ତ୍ତୁଗାଲ ଲୁଟେରାଙ୍କ ଆତଙ୍କ ଲାଗି ରହିଲା । ସେମାନଙ୍କ ଠାରୁ ରକ୍ଷାପାଇବା ପାଇଁ ବର୍ମା ନିକଟବର୍ତ୍ତୀ ରଖାଇନକୁ ଅନେକ ପଳାଇ ଯାଇଥିଲେ । ଯେତେବେଳେ ରଖାଇନରେ ମୁସଲମାନଙ୍କ ସଂଖ୍ୟା ବଢିବାରେ ଲାଗିଲା ସେତେବେଳେ ସେମାନେ ସ୍ଥାନୀୟ ବାସିନ୍ଦା ବୌଦ୍ଧମାନଙ୍କ ଉପରେ ଅତ୍ୟାଚାର କରିବା ଆରମ୍ଭ କରିଦେଲେ । ଏହାପରେ ଏହାକୁ ଇଂରେଜମାନେ ଶାସନ କଲେ । ଇଂରେଜମାନେ ରୋହିଙ୍ଗ୍ୟା ମୁସଲମାନ ଓ ବୌଦ୍ଧମାନଙ୍କ ମଧ୍ୟରେ ସଂଘର୍ଷ କରାଇ ଫାଇଦା ହାସଲ କରିବାକୁ ଲାଗିଲେ । ସହିବାର ସୀମା ଅଛି । ଅତି ସହି ସହି ବୌଦ୍ଧମାନେ ମଧ୍ୟ ହିଂସ୍ର ହୋଇ ଉଠିଲେ । ଇଂରେଜମାନେ ଗଲା ପରେ ରୋହିଙ୍ଗ୍ୟା ମୁସଲମାନମାନେ ଏଠାରେ ଅମାନବୀୟ ଦମନଲୀଳା ଚଳାଇଥିଲେ । ଏକ ରିପୋର୍ଟ ଅନୁସାରେ ଏକ ମାସ ଧରି ଚାଲିଥିବା ଦଙ୍ଗାରେ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ବୌଦ୍ଧଙ୍କୁ ହତ୍ୟା କରାଯାଇଥିଲା ।

୨୦୧୨ ମସିହା ଜୁନରୁ ଅକ୍ଟୋବର ମାସ ମଧ୍ୟରେ ରୋହିଙ୍ଗ୍ୟା ମୁସଲମାନଙ୍କ ମଧ୍ୟରେ ମିଆଁମାରରେ ଏକ ବଡ ଧରଣର ସଂଘର୍ଷ ହୋଇଥିଲା । ଏହାର ଶାସକ ରୋହିଙ୍ଗ୍ୟା ମୁସଲମାନଙ୍କ ପ୍ରତି କଠୋର ହେବାକୁ ବାଧ ହୋଇଥିଲେ । ୨୦୧୨ରେ ୧ ଲକ୍ଷ ୪୦ ହଜାର ରୋହିଙ୍ଗ୍ୟା ବିସ୍ଥାପିତ ହୋଇଥିଲେ । ଏବେ ବି ପ୍ରାୟ ୧ ଲକ୍ଷ ୨୦ ହଜାର ରୋହିଙ୍ଗ୍ୟା ଲୋକ ମିଆଁମାରର ରଖାଇନ ଶରଣାର୍ଥି ଶିବିରରେ ଅଛନ୍ତି । ମିଆଁମାରରେ ପ୍ରାୟ ୧୦ ଲକ୍ଷରୁ ଅଧିକ ରୋହିଙ୍ଗ୍ୟା ଲୋକ ଅଛନ୍ତି କିନ୍ତୁ ମିଆଁମାର ସେମାନଙ୍କୁ ନିଜର ଅଧିବାସୀ ବୋଲି ଭାବୁନାହିଁ । ମିଆଁମାରରେ ରୋହିଙ୍ଗ୍ୟା ମୁସଲମାନମାନଙ୍କ ବିରୁଦ୍ଧରେ ଦୁଇ ଥର ହିଂସାକାଣ୍ଡ ସୃଷ୍ଟି ହୋଇଛି । ନିକଟଅତୀତରେ ୧୫୦ ରୋହିଙ୍ଗ୍ୟା ଲୋକ ଅସ୍ତ୍ରଶସ୍ତ୍ର ସହିତ ୨୪ଟି ପୋଲିସ କ୍ୟାମ୍ପ ଉପରେ ଆକ୍ରମଣ କରିଥିଲେ । ମିଆଁମାର ରଖାଇନ ରାଜ୍ୟରେ ହୋଇଥିବା ଏହି ଆକ୍ରମଣରେ ୭୧ ଜଣ ମୃତ୍ୟୁବରଣ କରିଥିଲେ । ଏହି ଆକ୍ରମଣ ଆରାକାନ ରୋହିଙ୍ଗ୍ୟା ସାଲଭେସନ ଆର୍ମି ନାମକ ଆତଙ୍କବାଦୀ ସଂଗଠନ କରିଥିଲା । ଏହି ସଂଗଠନର ମୁଖ୍ୟ ହେଉଛନ୍ତି ସରଗନା ଅତା ଉଲ୍ଲାହ । ଅତା ଉଲ୍ଲାହ ଜଣେ ରୋହିଙ୍ଗ୍ୟା ମୁସଲମାନ । ସେ ପାକିସ୍ତାନର କରାଚୀରେ ଜନ୍ମ ଗ୍ରହଣ କରିଥିଲା ଏବଂ ମକ୍କାରେ ଯାଇ ବଡ ହୋଇଥିଲା । ରୋହିଙ୍ଗ୍ୟା ଆତଙ୍କବାଦୀମାନେ ମିଆଁମାର ସେନା ଶିବିର ଉପରେ ଆକ୍ରମଣ କରିବାରୁ ସେଠାରେ ହିଂସା ସୃଷ୍ଟି ହୋଇଥିଲା । ସେଠାରେ ଆରମ୍ଭ ହୋଇଥିବା ହିଂସାକୁ ନେଇ ରୋହିଙ୍ଗ୍ୟାମାନେ ବାଂଲାଦେଶ ଆଡକୁ ମୁହାଁଇଥିଲେ । ଇତିମଧ୍ୟରେ ବାଂଲାଦେଶରେ ୩ ଲକ୍ଷ ରୋହିଙ୍ଗ୍ୟା ଶରଣାର୍ଥୀ ରହିଛନ୍ତି । ସେହିପରି ଜାତିସଂଘ ଦ୍ୱାରା ପଞ୍ଜୀକୃତ ୧୪ ହଜାର ରୋହିଙ୍ଗ୍ୟା ଶରଣାର୍ଥୀ ଭାରତରେ ରହୁଥିବାବେଳେ ବାସ୍ତବରେ ଏମାନଙ୍କ ସଂଖ୍ୟା ୪୦ ହଜାରରୁ ଉର୍ଦ୍ଧ୍ୱ ଯାହା ଭାରତ ପାଇଁ ଚିନ୍ତାର ବିଷୟ ହୋଇଛି । ତେଣୁ ଭାରତ ସରକାର ସେମାନଙ୍କୁ ବିତାଡିତ କରିବାକୁ ଚାହୁଁଛନ୍ତି । ଅନ୍ୟପଟେ ମିଆଁମାର ସୀମାନ୍ତ ଦେଇ ବାଂଲାଦେଶକୁ ପ୍ରବେଶ କରିଥିବା ଲକ୍ଷାଧିକ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ପାଇଁ ଭାରତ ସରକାରଙ୍କ ପକ୍ଷରୁ ରିଲିଫ ପଠାଯାଇଥିଲା

ରୋହିଙ୍ଗ୍ୟା ମୁସଲମାନଙ୍କ ସହିତ ପାକିସ୍ତାନ ଆତଙ୍କବାଦୀ ସଂଗଠନର ଯୋଗସୂତ୍ର ରହିଛି । ପାକିସ୍ତାନ ଆତଙ୍କବାଦୀ ସଂଗଠନ ବାଙ୍ଗଲାଦେଶରେ ରହୁଥିବା ରୋହିଙ୍ଗ୍ୟା ମୁସଲମାନ ଶରଣାର୍ଥି ଶିବିରକୁ ଯାଇ ସେଠାରେ ଥିବା ରୋହିଙ୍ଗ୍ୟା ମୁସଲମାନଙ୍କୁ ଆତଙ୍କବାଦୀ ପ୍ରଶିକ୍ଷଣ ଦେଇ ଆତଙ୍କବାଦୀ କାର୍ଯ୍ୟରେ ନିୟୋଜିତ କରୁଛନ୍ତି । କେତେକ ରୋହିଙ୍ଗ୍ୟା ମୁସଲିମ ପାକିସ୍ତାନର ଆଇଏସଆଇ ଏବଂ ଇସଲାମିକ ଷ୍ଟେଟ ସଙ୍ଗଠନ ସହିତ ଜଡିତ । ତେଣୁ ସେମାନେ ଭବିଷ୍ୟତରେ ନିଶ୍ଚିତ ଭାବେ ଦେଶ ପାଇଁ ବିପଦ ସାଜିବେ, ଏଥିରେ କୌଣସି ସନ୍ଦେହ ନାହିଁ । ରୋହିଙ୍ଗ୍ୟାମାନଙ୍କୁ ବେଆଇନ ଭାବେ ସ୍ଥାନ ଦେବା ପାଇଁ ମିଆଁମାର, ପଶ୍ଚିମବଙ୍ଗ ଏବଂ ତ୍ରିପୁରାରେ ସ୍ୱତନ୍ତ୍ର ନେଟୱର୍କ କାମ କରୁଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ।

୨୦୧୨ରେ ହୋଇଥିବା ହିସାଂକାଣ୍ଡ ପରେ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ରୋହିଙ୍ଗ୍ୟା ମୁସଲମାନ ଭାରତକୁ ଚାଲି ଆସିଥିଲେ । ସେମାନେ ଭାରତର ବିଭିନ୍ନ ରାଜ୍ୟକୁ ଯାଇ ସେଠାରେ ନିଜର ଆଡା ଜମାଇ ସାରିଲେଣି । ବିଶେଷକରି ତେଲେଙ୍ଗାନା, ହରିୟାନା, ଉତ୍ତର ପ୍ରଦେଶ, ରାଜସ୍ଥାନ ଆଦି ରାଜ୍ୟକୁ ତାଙ୍କ ଚେର ଲମ୍ବି ଯାଇଛି । ଦିଲ୍ଲୀର କାଳନ୍ଦୀ କୁଞ୍ଜରେ ତାଙ୍କର ଏକ କଲୋନୀ ଅଛି । ହରିୟାନାକୁ ମାତ୍ର ୪ଟି ପରିବାର ଯାଇଥିଲେ । ସେମାନଙ୍କର ସଂଖ୍ୟା ଥିଲା ୪୭ ଏବେ ମାତ୍ର ୫ ବର୍ଷ ପରେ ସେମାନଙ୍କର ସଂଖ୍ୟା ବଢି ୧୫୦ ହୋଇଛି । ସେମାନେ କବାଡିବାଲା ରୂପେ ଜୀବନ ବିତାଇବା ସହିତ ଭାରତରେ ଭୋଟ ଦେବାର ଅଧିକାର ମଧ୍ୟ ପାଇ ସାରିଛନ୍ତି । ସେମାନଙ୍କ ନିକଟରେ ମଧ୍ୟ ଶରଣାର୍ଥିର ପରିଚୟ ପତ୍ର ମଧ୍ୟ ଅଛି । ସେମାନେ ଯେଉଁ ଅଞ୍ଚଳରେ ରହିଛନ୍ତି ସେ ଅଞ୍ଚଳରେ ସାଂପ୍ରଦାୟିକ ଉତ୍ତେଜନା ବଢୁଅଛି । ନିକଟ ଅତୀତରେ ନମାଜ ସମୟରେ ସମସ୍ତେ ଏକଜୁଟ ହେଲାପରେ ପାଖ ଗାଁରୁ ମଇଁଷି ଓ ଗାଈଗୋରୁ ଚୋରାଇ ଆଣି ତାକୁ ମାରି ରାନ୍ଧିକରି ଏକାଠି ଖାଉଛନ୍ତି । ଯାହାଫଳରେ ସେହି ସ୍ଥାନରେ ହିଂସାକାଣ୍ଡ ସୃଷ୍ଟି ହୋଇଛି । ବଲଭଗଡର ମୁଲେଡି ଗାଁରେ ଏହିପରି ଅଭାବନୀୟ ଘଟଣା ଘଟି ଯାଇଛି । ଗାଁ ଲୋକଙ୍କର ଅଭିଯୋଗ ହେଉଛି ଯେ ସେମାନେ ସରକାରୀ ଜମିକୁ ଜବରଦଖଲ କରି ରହିବା ସହିତ ବିଭିନ୍ନ ପ୍ରକାର ରାହାଜାନିରେ ସଂପୃକ୍ତ ରହୁଛନ୍ତି । ସେମାନଙ୍କ ଭୟରେ ଆମେ ଖୋଲାରେ ଆମର ଗୃହପାଳିତ ପଶୁଙ୍କୁ ବାହାରକୁ ଛାଡିପାରୁନାହିଁ । ବେଆଇନ ଭାବରେ ଅନୁପ୍ରବେଶକରିଥିବା ଏହି ଅନୁପ୍ରବେଶକାରୀ ଯେପର୍ଯ୍ୟନ୍ତ ଭାରତ ଛାଡି ନ ଯାଇଛନ୍ତି ତେବେ ସେପର୍ଯ୍ୟନ୍ତ ଏଠାରେ ଶାନ୍ତି ଫେରିବା ଅସମ୍ଭବ ।

ନିଜ ଦେଶରେ ହିଂସା ଯୋଗୁଁ ଆଶ୍ରୟ ନେଇଥିବା ରୋହିଙ୍ଗ୍ୟାମାନଙ୍କୁ ଭାରତ କିଭଳି ବିତାଡିତ କରିବାକୁ ଚାହୁଁଛି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଜାତିସଂଘର ମାନବାଧିକାର ମୁଖ୍ୟ ଜିଏଦ ରାଦ ଅଲ ହୁସେନ କହିଥିଲେ । ଏହାପରେ ଭାରତ ଦୃଢ ଜବାବ ଦେଇଥିଲା । ଅନ୍ୟ ଦେଶ ଭଳି ନିଜ ଦେଶର ନିରାପତ୍ତା ପାଇଁ ନୂଆଦିଲ୍ଲୀ ସର୍ବଦା ପ୍ରତିଶ୍ରୁତିବଦ୍ଧ । କୌଣସି ପ୍ରକାର କରୁଣା ଦେଖାଇ ଭାରତ ବଡ ଭୁଲ କରି ବିପଦକୁ ନିମନ୍ତ୍ରଣ କରିପାରିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ତରଫରୁ କୁହାଯାଉଥିଲା । ଭାରତ ସମ୍ବନ୍ଧରେ ଭୁଲ ତଥ୍ୟ ପ୍ରଚାର କର ନାହିଁ । ଭାରତ ସରକାର ଏହି ବେଆଇନ ଅନୁପ୍ରବେଶକୁ ବରଦାସ୍ତ କରି ପାରିବେ ନାହିଁ । ପୂର୍ବତନ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ ମାନବାଧିକାର ଦଳକୁ ରୋହିଙ୍ଗ୍ୟା ଶରଣାର୍ଥୀ ମାମଲାରେ ଏ କଥା କହିଛନ୍ତି । ଶ୍ରୀ ରିଜିଜୁ କହିଛନ୍ତି ଯେ ରୋହିଙ୍ଗ୍ୟା ଦେଶର ନିରାପତ୍ତା ପାଇଁ ବିପଦ ଏବଂ ଦେଶର ସମ୍ବଳ ନିଗାଡି ଦେବ ବୋଲି କେନ୍ଦ୍ରର ମନ୍ତବ୍ୟକୁ ଭୁଲ ବୁଝିବା ଉଚିତ ନୁହେଁ । କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଦେଶର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ । ତେଣୁ ଭାରତ ଓ ଭାରତର ଲୋକମାନଙ୍କୁ ଅସହିଷ୍ଣୁ ନକୁହ । ଆମେ ମାନବାଧିକାରକୁ ସଂପୂର୍ଣ୍ଣ ରୂପେ ସ୍ୱାଗତ କରୁଛୁ । ରକ୍ଷା ବିଶେଷଜ୍ଞ ସୁଦର୍ଶନ କୁମାରଙ୍କ ମତରେ ଏମାନଙ୍କ ଯୋଗୁଁ ଦେଶର ସୁରକ୍ଷା ବିପଦ ପୂର୍ଣ୍ଣ । ୨୦୧୨ରେ ମିଆଁମାର ସେନା ରୋହିଙ୍ଗ୍ୟା ମୁସଲମାନମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ସେମାନେ ପ୍ରତିଶୋଧ ନେବା ପାଇଁ ୨୦୧୩ରେ ଭାରତର ବୁଦ୍ଧଗୟାଠାରେ ଆତଙ୍କବାଦୀ ଆକ୍ରମଣ କରିଥିଲେ । ଏଥିରେ ମୁଖ୍ୟ ଭୂମିକା ତୁଲାଇଥିଲା ଲସ୍କର-ଇ-ତୋଇବା । କେବଳ ସେତିକି ନୁହେଁ, କାଶ୍ମୀରରେ ଆତଙ୍କବାଦୀଙ୍କ ସଂଘର୍ଷ ବେଳେ ଦୁଇଜଣ ବିଦେଶୀ ଆତଙ୍କବାଦୀଙ୍କର ମୃତ୍ୟୁ ହୋଇଥିଲା । ସେଥିରେ ଜଣେ ମିଆଁମାରର ବାସିନ୍ଦା ଥିଲେ ।

ଲସ୍କର-ଇ-ତୋଏବା ମିଆଁମାର ଏବଂ ଥାଇଲାଣ୍ଡ ସୀମାରେ ରୋହିଙ୍ଗ୍ୟା ମୁସଲମାନମାନଙ୍କ ପାଇଁ ଆତଙ୍କବାଦୀ କ୍ୟାମ୍ପ ପ୍ରତିଷ୍ଠା କରିଛନ୍ତି । ହାଫିଜ ସହିଦ ନେତୃତ୍ୱରେ ଏହା ପରିଚାଳିତ ହେଉଛି । ସେଥିପାଇଁ ହାଫିଜ ସହିଦ ରୋହିଙ୍ଗ୍ୟା ଆତଙ୍କବାଦୀଙ୍କ ଶୁଭଚିନ୍ତକ ପାଲଟିଯାଇଛି । ଏହାକୁ ସହଯୋଗ କରୁଛି ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ । ଯେଉଁଠି ରୋହିଙ୍ଗ୍ୟା ଜେହାଦୀଙ୍କୁ ଭାରତ ବିରୁଦ୍ଧରେ ପ୍ରଶିକ୍ଷଣ ଦିଆଯାଉଛି ବୋଲି ଭାରତୀୟ ସୁରକ୍ଷା ଏଜେନ୍ସିଙ୍କ ମତ । ତେଣୁ ରୋହିଙ୍ଗ୍ୟା ମୁସଲମାନଙ୍କ ମାମଲାରେ ଦଳମତ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ଚିନ୍ତା କରିବାକୁ ପଡିବ । ପାକିସ୍ତାନର ପ୍ଲାନ କ'ଣ ତାହା ବୁଝିବାକୁ ପଡିବ ?

୨୦୦୭ରୁ ରୋହିଙ୍ଗ୍ୟା ମୁସଲମାନଙ୍କ ଉପରେ ଅତ୍ୟାଚାର ହେଉଥିବା ବେଳେ ଏବେ କାହିକି ହାଫିଜ ସହିଦର ଦରଦ ଉଚ୍ଛୁଳି ପଡିଲା ? ଏହାଭିତରେ ହାଇଦ୍ରାବାଦ ପୋଲିସ ଜଣେ ରୋହିଙ୍ଗ୍ୟା ଆତଙ୍କବାଦୀକୁ ଗିରଫ କରିଛି । ସେ ହେଉଛି ମିଆଁମାର ଇକୈପୁ ରାଜ୍ୟର ବୁଶିଡାଙ୍ଗ ଜିଲ୍ଲାର ନୟାପଡା ଗାଁର ବାସିନ୍ଦା ମହମ୍ମଦ ଇସମାଇଲ । ଏହି ଆତଙ୍କବାଦୀ କହିଛି ୨୦୧୪ରେ ଡାକା ଦେଇ ସେ କଲିକତା ଆସିଥିଲା । ଦମଦମ ନଗରପାଳିକାଠାରୁ ସେ ଜନ୍ମ ପ୍ରମାଣ ପତ୍ର ପାଇବା ପରେ ସେ ନିଜକୁ ଭାରତୀୟ ନାଗରିକ ଭାବେ ପ୍ରମାଣ କରି ପାରିଥିଲା । ଏଥିରୁ ପ୍ରମାଣିତ ହୋଇଯାଇଛି ରୋହିଙ୍ଗ୍ୟା ମୁସଲମାନ ଆତଙ୍କବାଦୀ ହେବା ସହିତ ଭାରତରେ ପ୍ରବେଶ କରି ସାରିଛନ୍ତି । ଗୁଇନ୍ଦା ଏଜେନ୍ସି ଯେଉଁ ବିପଦ କଥା କହୁଛନ୍ତି ତାହା ଭୁଲ ନୁହେଁ । ଧରାପଡିଥିବା ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଜେରାବେଳେ ଜଣା ପଡିଥିଲା ଯେ ସେହି କ୍ୟାମ୍ପରେ ଖଲିସ୍ଥାନୀ ଆତଙ୍କବାଦୀଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି । ଆଇଏସ୍ଆଇ ସେହି ଆତଙ୍କବାଦୀଙ୍କୁ ଅର୍ଥ ସହ ଅସ୍ତ୍ରଶସ୍ତ୍ର ମଧ୍ୟ ଯୋଗାଇଦେଉଛି । ଏହା ହେଉଛି ପାକିସ୍ତାନର ଦୋମୁହାଁ ନୀତି । ଗୋଟିଏ ପଟେ ସେ ରୋହିଙ୍ଗ୍ୟା ମୁସଲମାନଙ୍କ ଶୁଭ ଚିନ୍ତକ ବୋଲି ଦେଖାଇହେଉଥିବା ବେଳେ ଅନ୍ୟ ପଟରେ ରୋହିଙ୍ଗ୍ୟାମାନଙ୍କୁ ଅସ୍ତ୍ରକରି ଭାରତ ବିରୁଦ୍ଧରେ ଆତଙ୍କ ଯୁଦ୍ଧକୁ ନୂଆ ଆୟାମ ଦେବାକୁ ଚାହୁଁଛି । ପାକିସ୍ତାନ ଏହି ଉପାୟରେ ବଙ୍ଗଳାଦେଶ, ମିଆଁମାର ଓ ଥାଇଲାଣ୍ଡରେ ନୂଆ ଆତଙ୍କବାଦୀ ସଂଗଠନ ସୃଷ୍ଟି କରିବାକୁ ଚାହୁଁଛି । ଆଇଏସ୍ଆଇ ରୋହିଙ୍ଗ୍ୟା ଜେହାଦୀଙ୍କୁ ହର କତ ଉଲ୍ ଜିହାଦ ଇସଲାମ ଆରକନ୍ ସାହାଯ୍ୟରେ ଟ୍ରେନିଂ ଦେଉଛି । ଏହି ସଂଗଠନର ନେତା ମୌଲାନା ଅବଦୁଲ କୁଦୁସ ଏବେ ପାକିସ୍ତାନରେ ରହୁଛି । ଏହି ସଂଗଠନରେ ଏକ ହଜାରରୁ ଉର୍ଦ୍ଧ୍ୱ ଜିହାଦୀ ଅଛନ୍ତି । ଏହି ସଂଗଠନ ଦ୍ୱାରା ହାଫିଜ ସଇଦ ଭାରତର ବିଭିନ୍ନ ସ୍ଥାନରେ ଆତଙ୍କ ସୃଷ୍ଟି କରିବାକୁ ଚାହୁଁଛି । ଏହା ହେଉଛି ପାକିସ୍ତାନର ପ୍ଲାନ ଆତଙ୍କବାଦୀ ଅତିଥି ।

କ'ଣ ଏସବୁ ଜାଣିଲା ପରେ ଆମେ ରୋହିଙ୍ଗ୍ୟା ମୁସଲମାନଙ୍କୁ ଭାରତରେ ରହିବା ପାଇଁ କହିବା କି ? ରୋହିଙ୍ଗ୍ୟା ମୁସଲମାନଙ୍କ ଯୋଗୁଁ ଦେଶର ଭୌଗୋଳିକ ପରିସ୍ଥିତିରେ କିଛି ପରିବର୍ତ୍ତନ ହେବନାହିଁ ତ' ? ମିଆଁମାର ନିଜ ଲୋକଙ୍କୁ ନିଜର ମାନୁନାହଁ ତେବେ ଭାରତ କାହିଁକି ଏମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ଅତିଥି କରିବ ବୋଲି ଏବେ ପ୍ରଶ୍ନ ଉଠୁଛି ? ମୁସଲମାନଙ୍କୁ ନେଇ ଭୋଟ ବ୍ୟାଙ୍କ ସୃଷ୍ଟି କରୁଥିବା ରାଜନୈତିକ ଦଳମାନଙ୍କର ସଂଖ୍ୟାଲଘୁ ତୁଷ୍ଟିକରଣ ନୀତି ରୋହିଙ୍ଗ୍ୟାମାନଙ୍କୁ ଭାରତରେ ଅତିଥି ହେବାକୁ କହୁଛନ୍ତି ନା ଆଉ କିଛି ?

କିଛି ରାଜନୈତିକ ନେତା, ମାନବାଧିକାର କର୍ମୀ କହୁଛନ୍ତି ଭାରତରେ ମୁସଲମାନଙ୍କ ଉପରେ ଅତ୍ୟାଚାର ବଢିଚାଲିଛି । ସେଥିପାଇଁ ଏହି ଅନୁପ୍ରବେଶକାରୀ ରୋହିଙ୍ଗ୍ୟା ମୁସଲମାନମାନେ ଭାରତରୁ କୌଣସି ମୁସଲମାନ ଦେଶକୁ ଚାଲି ଯିବା ଉଚିତ । ମୁସଲମାନ ଦେଶରେ ସୁରକ୍ଷିତ ଭାବରେ ରହିପାରିବେ । ଏହା ନକରି କାହିଁକି ଭାରତରେ ରହିବା ପାଇଁ ପସନ୍ଦ କରୁଛନ୍ତି ? ନା ଯୋଜନାବଦ୍ଧ ଭାବେ ସେମାନଙ୍କୁ ଭାରତକୁ ପଠାଯାଉଛି ? ସେମାନେ ନିଜ ଦେଶର ସୀମାବର୍ତ୍ତୀ ଅଞ୍ଚଳରେ ନରହି କାହିଁକି ଜାମ୍ମୁ-କାଶ୍ମୀରରେ ରହିବାକୁ ଚାହୁଁଛନ୍ତି ?

ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ରୋହିଙ୍ଗ୍ୟାଙ୍କ ସପକ୍ଷରେ ଅଛନ୍ତି ବୋଲି କହି କହିଛନ୍ତି ଯେ ସବୁ ରୋହିଙ୍ଗ୍ୟା ମୁସଲମାନ ଆତଙ୍କବଦୀ ନୁହଁନ୍ତି । କିନ୍ତୁ ଏବେ ପ୍ରଶ୍ନ ଉଠୁଛି ସମସ୍ତ ରୋହିଙ୍ଗ୍ୟା ମୁସଲମାନ ଆତଙ୍କବାଦୀ ନୁହଁନ୍ତି ତେବେ କିଛିତ ଆତଙ୍କବାଦୀ । ଏହାର ଗ୍ୟାରେଣ୍ଟି କିଏ ଦେବ ଭାରତରେ ରହୁଥିବା ରୋହିଙ୍ଗ୍ୟାଙ୍କ ମଧ୍ୟରେ କେହି ମଧ୍ୟ ଆତଙ୍କବାଦୀ ନାହାଁନ୍ତି । ଯେଉଁ ରୋହିଙ୍ଗ୍ୟା ମୁସଲମାନ ମିଆଁମାରରେ ଉତ୍ପାତ କରିବା ସହିତ ଆତଙ୍କ ବାଦୀ ସଂଗଠନ କରିଛନ୍ତି ସେମାନେ ଭାରତରେ ଏପରି କରିବେ ନାହିଁ ତ ? କ'ଣ ପାଇଁ ରୋହିଙ୍ଗ୍ୟା ମୁସଲମାନମାନଙ୍କ ପାଇଁ ରାଜନୈତିକ ସଂରକ୍ଷଣ ଦାବୀ ହେଉଛି ? ଯେଉଁମାନେ ରୋହିଙ୍ଗ୍ୟା ମୁସଲମାନ ନାଁରେ ରାଜନୀତି କରୁଛନ୍ତି ସେମାନେ ତଥ୍ୟ ଜାଣିକରି ନିଷ୍ପତ୍ତି ନିଅନ୍ତୁ । ସେମାନେ କ'ଣ ଆତଙ୍କବାଦୀଙ୍କୁ ନିଜ ପଡୋଶୀ କରିବେ ? ପାକିସ୍ତାନ ତିଆରି କରିଛି ଆତଙ୍କବାଦୀ ଅତିଥି । ସେମାନେ ଭାରତକୁ ଧର୍ମଶାଳା କରି ଆତଙ୍କ ବିସ୍ତାର କରିବେ । ଅତିଥି ନାମରେ ଆତଙ୍କବାଦର ପ୍ରବେଶ ହୋଇସାରିଛି । ଏହା ହେଉଛି ପାକିସ୍ତାନ ପ୍ରସ୍ତୁତି ନୂଆ ଷଡଯନ୍ତ୍ର । ଯେଉଁମାନେ ରୋହିଙ୍ଗ୍ୟା ମୁସଲମାନଙ୍କୁ ଅତିଥି ବୋଲି କହି ସେମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ସେମାନେ କାହିଁକି ଦିଲ୍ଲୀର ଫୁଟପାଥରେ ପଡିରହିଥିବା କାଶ୍ମୀର ପଣ୍ଡିତମାନଙ୍କ ପାଇଁ ଟିକିଏ ହେଲେ ଦରଦ ଦେଖାଇନାହାଁନ୍ତି ? ଶରଣାର୍ଥି ଭାବେ ରହିଥିବା ଏହି କାଶ୍ମୀର ପଣ୍ଡିତମାନଙ୍କୁ ତାଙ୍କ ଅଞ୍ଚଳକୁ ଫେରାଇ ଦେବା ପାଇଁ ତଥା ସେମାନଙ୍କ ସୁଖଦୁଃଖରେ କେବେହେଲେ ପଦୁଟିଏ କହିନାହିଁନ୍ତି କାହିଁକି ?

**ଗୋଲଖ ଚନ୍ଦ୍ର ଦାସ**
*ଘିଁଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩*

# ମିଥୁନ ଓ ରାହୁଲଙ୍କୁ ବୈଦାଖିଆ ଆଶ୍ରମ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଛାଡ଼ିଲା ଶିକ୍ଷା ବିଭାଗ

କେନ୍ଦୁଝର(ପିଏନ୍): କେନ୍ଦୁଝର ଜିଲା ହାଟଡିହି ବ୍ଲକ ବାଲିବରେଇ ପଂଚାୟତର ବୀଣାପାଟିଆ ସାହିର ଦୁଇ ଅସହାୟ ଛାତ୍ର ମିଥୁନ ମୁର୍ମୁ ଓ ରାହୁଲ ମୁର୍ମୁ ଦୁଇ ଭାଇଙ୍କୁ ଶିକ୍ଷା ବିଭାଗ ଶିକ୍ଷାଦାନ ପାଇଁ ବୈଦାଖିଆ ଆଶ୍ରମରେ ଛାଡ଼ିଛି । ଖବରରୁ ଜଣାଯାଇଛି ରବି ମୁର୍ମୁ ଓ ତାଙ୍କ ସ୍ତ୍ରୀ ଚମ୍ପା । ତାଙ୍କର ଦୁଇ ଝିଅ ଓ ଦୁଇ ପୁଅ । ରବି ଏକ ହତ୍ୟା ମାମଲାରେ ୮ ବର୍ଷ ହେଲା ଜେଲରେ ରହିଛି । ତାର ସ୍ତ୍ରୀ ଛୁଆଙ୍କୁ ଭରଣ ପୋଷଣ କରିନପାରି କେଉଁଆଡ଼େ ପଳାଇଯାଇଛି ସେ ଆଉ ଘରକୁ ଫେରିଲେ ନାହିଁ । ଏଭଳି ପରିସ୍ଥିତିରେ ଯେଉଁ ଘରେ ରହୁଥିଲେ ସେ ଘରକୁ ରକ୍ଷଣାବେକ୍ଷଣ କରିବା କଷ୍ଟକର ହେବା ପରେ ଖାଇପିଇ ବଂଚିବା ପାଇଁ ସଂଘର୍ଷ କରିଥିଲେ । ତାର ବଡ଼ ଝିଅ ସରିତା ଦଶମ ଶ୍ରେଣୀର ଛାତ୍ରୀ । ମଝିଆଁ ଝିଅ ସୀତା ପଂଚମରୁ ପାଠ ଛାଡ଼ି ପରଘରେ କାମ କରି ଭାଇଭଉଣୀଙ୍କ ପାଇଁ ଦାନା ଯୋଗାଡ଼ କରୁଛନ୍ତି । ଦୁଇପୁଅ ମିଥୁନ ଓ ରାହୁଲ ଯଥାକ୍ରମେ ଷଷ୍ଠ ଓ ତୃତୀୟ ଶ୍ରେଣୀରେ ପଢୁଛନ୍ତି । ଘରର ପରିସ୍ଥିତି ନେଇ ସେ ମଧ୍ୟ ବିଦ୍ୟାଳୟକୁ ନଯାଇ ପାଠ ଛାଡ଼ିଦେଇଥିଲେ । ୩୦ କେଜି ଚାଉଳରେ ୪ ଭାଇଭଉଣୀ ମାସ ସାରା ଚଳୁଥିବା ବେଳେ ଦାଦା ନିମାଇ ମୁର୍ମୁ ମଝିରେ ମଝିରେ ସାହାଯ୍ୟ ସହଯୋଗ କରୁଥିଲେ । ଏଭଳି ଅସହାୟ ପରିବାର ଓ ଦୁଇ ଛାତ୍ର ଶିକ୍ଷାଦାନ ପାଇଁ ଛାଡ଼ିଥିବା ପ୍ରଶାସନ ଦୃଷ୍ଟିକୁ ଅଣାଯାଇଥିଲା । ଏହାକୁ ନେଇ ଜିଲା ପ୍ରଶାସନ ତତ୍ପର ହେବା ପରେ ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ବିଆରସିସି ବିନୋଦ କୁମାର ରାଉତ, ଏବିଇଓ ସୁରଥ କୁମାର ସାହୁ ସେମାନଙ୍କ ଘରେ ପହଂଚିଥିଲେ । ଦୁଇଭାଇ ମିଥୁନ ଓ ରାହୁଲଙ୍କୁ ବିନା ପଇସାରେ ଖାଇ ପିଇ ରହିବା ସହ ଶିକ୍ଷାଦାନ କରିବାକୁ କହିଥିଲେ । ଏଥିରେ ଦୁଇ ଭାଇ ମିଥୁନ ଓ ରାହୁଲ ରାଜି ହେବାରୁ ତାଙ୍କୁ ବୈଦାଖିଆ ସେବାଶ୍ରମରେ ଛାଡ଼ିଥିଲେ । ଯାହା ଫଳରେ ବାଟବଣା ହୋଇପଡ଼ିଥିବା ଦୁଇ କୋମଳମତି ଛାତ୍ର ସେମାନଙ୍କ ଭବିଷ୍ୟତ ତୋଳିବା ପାଇଁ ଏକ ସାହାରା ପାଇଥିବାରୁ ପ୍ରଶାସନର ଏଭଳି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଥିଲା । ସେମାନେ ଏଠାରେ ଛାତ୍ରାବାସରେ ରହି ପାଠ ପଢ଼ିବେ । ଏହାକୁ ନେଇ ଜିଲା ପରିଷଦ ସଦସ୍ୟା ଟିକି କିସ୍କୁ ପ୍ରଶାସନକୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଛନ୍ତି । ଘରଟି ଭାଙ୍ଗିଯାଇ ଥିବାରୁ ନୂତନ ପକ୍କାଗୃହ ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବୀ କରିଛନ୍ତି ।

# ପ୍ରଖ୍ୟାତ ପ୍ରକାଶକ ସମ୍ପାଦକ ସନି ମେହେଟ୍ଟାଙ୍କୁ ଶ୍ରଦ୍ଧାଞ୍ଜଳି





ବିଶ୍ୱବିଖ୍ୟାତ ସୃଜନଶୀଳ ଗଣମାଧ୍ୟମ ବ୍ୟକ୍ତିତ୍ୱ ବିଶେଷକରି ପ୍ରକାଶନ ଓ ସମ୍ପାଦନାରେ ସୁନାମ ପ୍ରାପ୍ତ ସନି ମେହେଟ୍ଟାଙ୍କର ସତୋସ୍ତରୀ ବର୍ଷ ବୟସରେ ପରଲୋକ ହୋଇଛି । ସ୍ୱାଧୀନ ଭାରତର ପ୍ରଥମ କୁଟନୀତିଜ୍ଞ ଆମରିକ୍ ସିଂହ ମେହେଟ୍ଟାଙ୍କ ପୁଅ ସନି ମେହେଟ୍ଟାଙ୍କ ପରିବାର ପ୍ରଦତ୍ତ ନାମ ହେଉଛି ଅଜୟ ସିଂହ ମେହେଟ୍ଟା । ୧୯୪୨ ମସିହାରେ ଜନ୍ମିତ ଏହି ବିଶିଷ୍ଟ ବ୍ୟକ୍ତିତ୍ୱ ତାଙ୍କ ବାଲ୍ୟପାଠପଢ଼ା ବିଦେଶରେ ସମାପନ କରିଥିଲେ । ତାଙ୍କ ବାପା ଭାରତର କୂଟନୀତିଜ୍ଞ ହୋଇଥିବାରୁ ତାଙ୍କ ବୃତ୍ତିଗତ କ୍ଷେତ୍ର ନ୍ୟୁୟର୍କ, ଜେନେଭା, ନେପାଳ ଓ ପ୍ରେଗ୍ ଥିଲା ଏହି ସବୁ ସ୍ଥାନରେ ହିଁ ପାଠପଢ଼ା ଶେଷ କରିଥିଲେ ସନି ମେହେଟ୍ଟା । ନାମଜାଦା ଲରେନ୍ସ ସ୍କୁଲ ବ୍ରିଟେନର ଏହି ବିଶ୍ୱବିଖ୍ୟାତ ବିଦ୍ୟାଳୟରୁ ପଢ଼ା ଶେଷ ପରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଓ ଇତିହାସ ସାହିତ୍ୟରେ ଦୁଇଟି ସ୍ନାତକ ଡିଗ୍ରୀ ପ୍ରାପ୍ତ ହୋଇଥିଲେ । ୧୯୬୫ ମସିହାରେ ସ୍ୱର୍ଗତଃ ସନି ମେହେଟ୍ଟା ତାଙ୍କ ପୁସ୍ତକ ପ୍ରକାଶନର ବୃତ୍ତିଗତ କ୍ଷେତ୍ର ଲଣ୍ଡନରୁ ଆରମ୍ଭ କରିଥିଲେ । ୧୯୮୭ରେ ନ୍ୟୁୟର୍କ ଯାଇଥିବାବେଳେ ସେହିବର୍ଷ ହିଁ ବିଖ୍ୟାତ ପ୍ରକାଶନ ସଂସ୍ଥା ଆଲ୍‌ଫ୍ରେଡ଼ ଏ ନଫ୍ ଡବଲଡେ ପବ୍ଲିକେଶନର ମୁଖ୍ୟ ସମ୍ପାଦକ ଓ ଅଧ୍ୟକ୍ଷ ଥିଲେ । ତାଙ୍କ ସାରସ୍ୱତ୍ତ ସାହିତ୍ୟ ପ୍ରତି ଆଗ୍ରହ, ସମ୍ପାଦନା ଓ ପ୍ରକାଶନ ପାଇଁ ଅନେକ ସମ୍ମାନ ମିଳିଥିବାବେଳେ ଲଣ୍ଡନ, ଆମେରିକା ଓ ଭାରତରେ ମଧ୍ୟ ପ୍ରକାଶନ ନିମିତ୍ତ ଲାଇଫ୍ ଟାଇମ ଆଚିଭମେ ଆୱାର୍ଡ଼ ମିଳିଛି । ସମ୍ମାନନୀୟ ଡକ୍ଟରେଟ ଉପାଧି ସେ ବାର୍ଡ କଲେଜ ପକ୍ଷରୁ ପାଇଛନ୍ତି । ଅନେକ ହୁଏତ ଜାଣିନଥିବେ ଭାନିଟି ଫେୟାର୍ସ ବେଷ୍ଟ ଡ୍ରେସଡ଼ ମ୍ୟାନର ଅନ୍ତର୍ଜାତୀୟ ତାଲିକାରେ ହଲ୍ ଅଫ୍ ଫେମ୍‌ରେ ବି ସନି ସ୍ଥାନ ପାଇଥିଲେ । ବିଖ୍ୟାତ ଇଂରାଜୀ ଲେଖକ ଜ୍ୟାକି କୋଲିନ୍‌ସ ଏବଂ ଡୁଗଲାସ୍ ଆଦମ୍‌ସ ଲେଖାକୁ ୧୯୭୨ ମସିହାରେ ପ୍ରକାଶିତ କରି ସ୍ୱର୍ଗତ ମେହେଟ୍ଟା ପାଶ୍ଚାତ୍ୟ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଯାହାକି କେବଳ ବିଦେଶରେ ନୁହେଁ ଭାରତର ବିଭିନ୍ନ ପ୍ରାନ୍ତୀୟ ଭାଷାରେ ମଧ୍ୟ ପରବର୍ତ୍ତୀ ସମୟରେ ଅନୁବାଦିତ ହୋଇ ପ୍ରଚୁର ପାଠକୀୟ ଆଦୃତି ଲାଭ କରିଥିଲା । ସେହିପରି ତାଙ୍କ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ସଲମାନ୍ ରୁସଦି, ଇୟାନ୍ ମିକ୍‌ୱାନ୍, ଏଡମଣ୍ଡ ହ୍ୱାଇଟ୍, ଜୁଲିୟାନ୍ ବାର୍ନେସ୍ ଓ ଗ୍ରାହାମ୍ ସ୍ୱିଫ୍ଟଙ୍କ ବହି ବୁକର ପୁରସ୍କାରରେ ସମ୍ମାନିତ ହୋଇଥିଲା । ସ୍ୱର୍ଗତ ସନି ମେହେଟ୍ଟାଙ୍କ ଦ୍ୱାରା ପ୍ରକାଶିତ ଛଅଟି ପୁସ୍ତକ ନୋବେଲ ପୁରସ୍କାର ପାଇଛି । ସ୍ୱର୍ଗତ ସନି ମେହେଟ୍ଟା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ୍.ଏଚ୍.ଡବ୍ଲ୍ୟୁ ବୁଶ୍ ଓ ବିଲ୍ କ୍ଲି ନ, ପୂର୍ବତନ ବ୍ରିଟିସ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥ୍ୟାଚର୍ ଓ ଟୋନି ବ୍ଲେୟାରଙ୍କ ଲେଖା ପ୍ରକାଶ କରିଛନ୍ତି । ଏହା ସହିତ ପୂର୍ବତନ ପୋପ୍ ଜନ ପଲଙ୍କ ଲେଖା ପ୍ରକାଶ କରିବାର ମଧ୍ୟ ସେ ସୌଭାଗ୍ୟ ଅର୍ଜନ କରିଥିଲେ । ସନି ମେହେଟ୍ଟାଙ୍କ ସମ୍ପାଦିତ ଅନେକ ପୁସ୍ତକ ବହୁ ଆଗ୍ରହୀ ପାଠକ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲା । ଜଣେ ସମ୍ପାଦକ ଭାବେ ତାଙ୍କର ଅଗାଦ ପାଣ୍ଡିତ୍ୟ ଭରିରହିଥିଲା । ପରିଚିତ ମହଲରେ ଜଣେ ସରଳ, ଅମାୟିକ ଓ ଅତ୍ୟନ୍ତ ଭଦ୍ରବ୍ୟକ୍ତି ସେ ଥିଲେ । ଅକ୍ସୋଫର୍ଡ ବିଶ୍ୱବିଦ୍ୟାଳୟରେ ସେ ଅଧ୍ୟୟନରତ ଥିବାବେଳେ ଓଡ଼ିଶାର କିମ୍ବଦନ୍ତୀ ରାଜନେତା ବିଶିଷ୍ଟ ଜନନାୟକ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଝିଅ ଗୀତା ମେହେଟ୍ଟାଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା । ପରେ ପାରିବାରିକ ସ୍ୱୀକୃତିକ୍ରମେ ଉଭୟ ବିବାହ କରିଥିଲେ । ଗୀତା ମେହେଟ୍ଟା ମଧ୍ୟ ଜଣେ ବିଶିଷ୍ଟ ଲେଖିକା ଓ ପ୍ରାମାଣିକ ଚଳଚ୍ଚିତ୍ରର ପ୍ରଯୋଜିକା ମଧ୍ୟ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଣୋଇ ସନି ମେହେଟ୍ଟା ଅନେକଥର ଓଡ଼ିଶା ଆସିଛନ୍ତି । ଓଡ଼ିଶାର କଳା ଓ ସଂସ୍କୃତି ଉପରେ ତାଙ୍କର ଅତ୍ୟନ୍ତ ଆଗ୍ରହ ରହିଥିଲା । ଅନେକ ଓଡ଼ିଆ ପୁସ୍ତକ ମଧ୍ୟ ତାଙ୍କ ବିଶାଳ ପାଠାଗାରରେ ସ୍ଥାନ ପାଇଛି । ସନି ମେହେଟ୍ଟାଙ୍କ ପରଲୋକ ପରେ ଅନେକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗଣମାଧ୍ୟମ ତାଙ୍କ ସୃଜନ ସାହିତ୍ୟ ସାଧନ କ୍ଷେତ୍ରର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ତାଙ୍କ ସମ୍ପାଦନା ଓ ପ୍ରକାଶନ ଯେଉଁ ବିପୁଳ ପାଠକ ସୃଷ୍ଟି କରିପାରିଛି ସେପରି ବିରଳ କୃତୀତ୍ୱ କ୍ୱଚିତ୍ ବ୍ୟକ୍ତିଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ । ସେପରି ସୌଭାଗ୍ୟର ଅଧିକାରୀ ଥିଲେ ଏହି କିମ୍ବଦନ୍ତୀ ସମ୍ପାଦକ ଓ ପ୍ରକାଶକ ସନି ମେହେଟ୍ଟା । ପୁସ୍ତକ ସାହିତ୍ୟ କ୍ଷେତ୍ରରେ ପରିଚିତି ନଥାଇ ବି ନୂଆ ନୂଆ ଲେଖୁଥିବା ଉଦୀୟମାନ ଲେଖକୀୟ ପ୍ରତିଭାଙ୍କୁ ସେ ପ୍ରୋତ୍ସାହନ ଦେବା ସହ ସେମାନଙ୍କ ପୁସ୍ତକକୁ ମଧ୍ୟ ସମ୍ପାଦନ ଓ ପ୍ରକାଶନ କରିଛନ୍ତି । କ୍ଷତି ସହି ମଧ୍ୟ ଅନେକ ଯୁବ ସାହିତ୍ୟ ବ୍ୟକ୍ତିତ୍ୱଙ୍କୁ ସେ ସାହାଯ୍ୟ କରିଛନ୍ତି । ଏପରି ଜଣେ ବିଦ୍ୱାନ, ପରୋପକାରୀ ବନ୍ଧୁ, ବିନମ୍ର ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ଜ୍ୟୋତିଷ୍କ କୁହାଯାଉଥିବା ସମ୍ପାଦକ ଓ ପ୍ରକାଶକଙ୍କ ବ୍ୟକ୍ତିତ୍ୱ ପ୍ରତି ଆମେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

**ଶେଖ୍ ଫରିଦ୍‌ଉଦ୍ଦିନ୍**, ମଧୁପୁର, କୁଆଁପାଳ, କଟକ, ଦୂରଭାଷ: ୯୪୩୭୦୦୪୮୮୮

# ଓଡ଼ିଆଙ୍କ ପୁରୁଷାର୍ଥର ପ୍ରମାଣ ପାଲଟଣା ବୋଇତ

ବାଲେଶ୍ୱର (ପିଏନ୍): ଚାନ୍ଦିପୁର ମୋତେ ରୋମାଂଚିତ କରେ । ଯେବେ ବି ଚାନ୍ଦିପୁର ଆସେ, ମନେପଡ଼େ ସାଧବଙ୍କ କଥା । ଯେବେ ଇଂରେଜମାନେ କାଗଜଡଂଗା ତିଆରି କରିବା ଶିଖି ନଥିବେ, ସେବେ ଓଡ଼ିଆ ସାଧବ ପୁଅ ପାଲଟଣା ବୋଇତ ନେଇ ସାତ ସମୁଦ୍ର ପାରି କରି ବେପାର ବଣିଜ କରିବାକୁ ବିଦେଶ ଯାଉଥିଲା । ଓଡ଼ିଆଙ୍କ ପୁରୁଷାର୍ଥର ପ୍ରମାଣ ହେଉଛି ପାଲଟଣା ବୋଇତ । ଆଜି ସେହି ଓଡ଼ିଆ ଜାତି ହୀନମନ୍ୟତାର ଶିକାର ହୋଇଛି । ବୀର ଓଡ଼ିଆଙ୍କ ବୀରତ୍ୱର ଗାଥାକୁ ସ୍ମରଣ କରି ଚାନ୍ଦିପୁରରେ ପ୍ରତିଷ୍ଠିତ ଏବର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ମଧ୍ୟ ଆମର ଗର୍ବ ଓ ଗୌରବ ବହନ କରୁଛି । ଚାନ୍ଦିପୁର ଏକ ଶକ୍ତିର ସଂକେତ । ଭାରତୀୟ ବିଜ୍ଞାନର ପ୍ରତିଭୂତ କେନ୍ଦ୍ର ହେଉଛି ଚାନ୍ଦିପୁର । ଆଗାମୀ ଦିନରେ ଏଠାରେ ପିଲାଙ୍କ ଶିକ୍ଷା ପାଇଁ ଏକ ବିଜ୍ଞାନ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ ପାଇଁ ପ୍ରସ୍ତାବ ଦେଇଛି । କେବଳ ମନୋରଂଜନ ନୁହେଁ, ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଚାନ୍ଦିପୁରଠାରେ ୧୦ କୋଟି ଟଙ୍କାର ଏକ ମତ୍ସ୍ୟ ପ୍ରକଳ୍ପର ଶୁଭାରମ୍ଭ ହେବାକୁ ଯାଉଛି । ମନ୍ତ୍ରୀ ଏହି ଅବସରରେ କେନ୍ଦ୍ର ସରକାରଙ୍କ ସିଏଏ ଆଇନ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । ଅନ୍ୟ ରାଜ୍ୟର ବେଳାଭୂମୀ ଏତେ ବିକଶିତ ହୋଇଥିଲାବେଳେ ବାଲେଶ୍ୱରର ଡଗରା, ତାଳସାରୀ ଓ ଚାନ୍ଦିପୁର ବିକାଶ ହୋଇ ନପାରିବା ପାଇଁ କ୍ଷୋଭ ପ୍ରକାଶ କରିଥିଲେ । ଯାହାଫଳରେ ପର୍ଯ୍ୟଟକ ବଦଳରେ ଆତଙ୍କବାଦୀଙ୍କ ଚାରଣଭୂମି ପାଲଟୁଛି ଆମ ବେଳାଭୂମି ବୋଲି କେନ୍ଦ୍ର ମତ୍ସ୍ୟ, ପଶୁ ସଂପଦ ଓ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଂଗୀ ବକ୍ତବ୍ୟରେ କହିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ କହିଥିଲେ କି ଆମ ଜିଲ୍ଲାକୁ ରୁଦ୍ଧିମନ୍ତ କରିଛି ଦୀନକୃଷ୍ଣଙ୍କ ରସକଲ୍ଲୋଳ, ରାଧାନାଥ ଓ ଫକୀରମୋହନଙ୍କ ରେବତୀ ଆମ ସାହିତ୍ୟକୁ ଅଧିକ ରୁଚିଶୀଳ କରିଛି । ଆମ ଜିଲ୍ଲାର ଉତ୍ତର ପାର୍ଶ୍ୱରେ ତାଳସାରୀର ବାବା ଚନ୍ଦନେଶ୍ୱର, ଦକ୍ଷିଣରେ ମା' ଭଦ୍ରାକାଳୀ, ପଶ୍ଚିମରେ ଦେବଗିରି ପାହାଡ଼ରେ ବାବା ପଂଚଲିଂଗେଶ୍ୱର ଓ ପୂର୍ବରେ ବଂଗୋପସାଗର ଆମ ଜିଲ୍ଲାର ଗୌରବ ବହନ କରୁଛି । ଅନ୍ୟତମ ଅତିଥିଭାବେ ଯୋଗଦେଇ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ କ୍ଷୁଦ୍ର ଗଳ୍ପ ମାଧ୍ୟମରେ ଆମ ଚଳନ୍ତି ଜନଜୀବନର ପରମ୍ପରାକୁ ବହନ କରି ଏଭଳି ମହୋତ୍ସବ ଜାରି ରହୁ ବୋଲି ମତ ପ୍ରକାଶ କରିଥିଲେ । ବିଶିଷ୍ଟ ଯାତ୍ରା କଳାକାର ସଂଜୟ ଭୋଳଙ୍କୁ ସମ୍ବର୍ଦ୍ଧନା ଅବସରରେ ସେ ତାଙ୍କର ପାରମ୍ପରିକ ଯାତ୍ରା ସଂଳାପ ମାଧ୍ୟମରେ ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲେ । ବାଲେଶ୍ୱରର ପୂର୍ବତନ ବିଧାୟକ ତଥା ମହୋତ୍ସବ କମିଟିର ସଭାପତି ଜୀବନ ପ୍ରଦୀପ ଦାଶ ତୃତୀୟ ସଂଧ୍ୟାର କଥା ଉତ୍ସବରେ ସଭାପତିତ୍ୱ କରି କହିଥିଲେ କି ଚାନ୍ଦିପୁର ବେଳାଭୂମି ପାଇଁ କେବଳ ସରକାର କି ପ୍ରଶାସନ ନୁହେଁ ଚାନ୍ଦିପୁର ଅଂଚଳର ଜନସାଧାରଣଙ୍କର ଅଧିକରୁ ଅଧିକ ସହଯୋଗ ରହିଲେ ଏହା ବିଶ୍ୱସ୍ତରରେ ପ୍ରଚାର ଓ ପ୍ରସାର ହେବାରେ ସଫଳ ହୋଇପାରନ୍ତା । ମହୋତ୍ସବ କମିଟିର ସାଧାରଣ ସଂପାଦକ ବରିଷ୍ଠ ଆଡ଼ଭୋକେଟ୍ ହରେକୃଷ୍ଣ ଦାଶ କହିଥିଲେ କି ବାଲେଶ୍ୱର ଓଡ଼ିଶାର ଏକ ଅଗ୍ରଣୀ ଜିଲ୍ଲା ଅଟେ । ଏହାର ଗୋଟିଏ ପାର୍ଶ୍ୱରେ ପଶ୍ଚିମବଂଗର ସଂସ୍କୃତିର ବାସ୍ନା ବାରିହୋଇ ପଡୁଥିବାବେଳେ ଅନ୍ୟପଟରେ ବିସ୍ତୃତ ବେଳାଭୂମି, ପୁଣି ବହୁ ମହିମାମଣ୍ଡିତ ବ୍ୟକ୍ତିତ୍ୱଙ୍କୁ ଜନ୍ମ ଦେଇ ଏ ମାଟି ଓଡ଼ିଶାର ସ୍ୱାତନ୍ତ୍ର୍ୟ ଜାହିର କରିପାରିଛି । ସେ କେନ୍ଦ୍ରମନ୍ତ୍ରୀଙ୍କଠାରେ ଚାନ୍ଦିପୁର ବେଳାଭୂମି ମହୋତ୍ସବକୁ ଜାତୀୟ ସ୍ତରର ମାନ୍ୟତା ଦେବା ପାଇଁ ପ୍ରସ୍ତାବ ମଧ୍ୟ ରଖିଥିଲେ । ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ଏବଂ ଆମ ନ୍ୟୁଜ୍‌ର ନିର୍ଦ୍ଦେଶକ ବିପ୍ଳବ କୁମାର ମହାନ୍ତି ଅତିଥିଙ୍କୁ ମଂଚ ଆବାହନ କରିଥିଲେ । ମଂଚରେ କମିଟିର ସଂପାଦକ କିଶୋର ଦାସ, ସଂପାଦକ ସମରେନ୍ଦ୍ର ନାଥ ଦାସ, ଗଂଗାଧର ରାଉତ, ସ୍ଥାନୀୟ ସରପଂଚ ତପନ ଜେନା, ନିହାର ରଂଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କମିଟିର ଅତିରିକ୍ତ ସାଧାରଣ ସଂପାଦକ ଭାବଗ୍ରାହୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ବିସିଇଟିର ନିର୍ଦ୍ଦେଶକ ଶ୍ରୀମାନ ଶ୍ରୀଚନ୍ଦନ ମହାନ୍ତି ସଂଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଂଚଳିକ କଳାକାର କ୍ରିତିପ୍ରଭା ପୃଥାଳ, କଲ୍ୟାଣୀ ନାୟକ, ରୁଦ୍ର ପ୍ରତାପ ନାୟକ, ସାଇ ସୁକନ୍ୟା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶନୀ ପୃଥାଳ, ଏଲ ଆର ଡେନ୍ସ ଗ୍ରୁପ, ଗୋଲଡେନ ବାର୍ଡ଼ ଡେନ୍ସ ଗ୍ରୁପର ଆଦି ନୃତ୍ୟ ପରିବେଷଣ କରିଥିବାବେଳେ ବିକାଶ ସଂଗୀତ ପରିବେଷଣ କରିଥିଲେ । ଏହି ଉତ୍ସବ ପରିଚାଳନାରେ କମିଟିର ସଦସ୍ୟ ସତ୍ୟପ୍ରିୟ ମହାନ୍ତି, ଅପର୍ଣ୍ଣା ମହାପାତ୍ର, ଭାଗବତ ସାହୁ, ଗୌରାଂଗ ଦାସ ପ୍ରମୁଖ ସହଯୋଗ କରିଥିଲେ । ଶାନ୍ତିଶୃଂଖଳା ରକ୍ଷାକରିବା ପାଇଁ ସ୍ଥାନୀୟ ଚାନ୍ଦିପୁର ଥାନା ଅଧିକାରୀ ପ୍ରଭୁ କଲ୍ୟାଣ ଆଚାର୍ଯ୍ୟ ଉପସ୍ଥିତ ରହି ଶାନ୍ତିଶୃଂଖଳା ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହାସହିତ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କଳାକାରଙ୍କ ଦ୍ୱାରା କଥକ, ଘୁମରା ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଖୋଲାଆକାଶ ତଳେ ବିଳମ୍ବିତ ରାତି ଯାଏଁ ହଜାରହଜାର ଦର୍ଶକ ବେଶ୍ ଉପଭୋଗ କରୁଥିବାର ଦେଖିବାକୁ ମିଳିଥିଲା । ସୂଚନାଯୋଗ୍ୟ କି ୨୨ତମ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ ଅବସରରେ ତୃତୀୟ ଦିନରେ କଟକର ସ୍ୱସ୍ତିକ ହସ୍ପିଟାଲ ସହଯୋଗରେ ଦିବସବ୍ୟାପୀ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା ।




# ସାଇବର ଦୁର୍ବଳତାର ସ୍ୱାସ୍ଥ୍ୟଗତ ସମସ୍ୟା



ଭୁବନେଶ୍ୱର (ପିଏନ୍): ଦିଲ୍ଲୀରେ ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ସାଇବର ଦୁର୍ବଳତାଜନିତ ସ୍ୱାସ୍ଥ୍ୟଗତ ସମସ୍ୟାର ଚିକିତ୍ସା ଲାଗି ଏକ ଓପିଡ଼ି ଆଉଟଡୋର ରୋଗୀଙ୍କ ସକାଶେ ଖୋଲାଯାଇଛି। ଏଥିରୁ ସୂଚୀତ ହୋଇଛି ଯେ ଦେଶରେ କମ୍ପ୍ୟୁଟର ଓ ମୋବାଇଲ ଫୋନ ଆଦି ବ୍ୟବହାର ପ୍ରତି ଅତ୍ୟଧିକ ଆକର୍ଷଣ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜା ଯାଉଥିବାବେଳେ ଏହା ଏକ ସାମାଜିକ ବ୍ୟାଧିର ରୂପ ନେଉଛି। ଏଥିରୁ ମଧ ଜଣାପଡୁଛି ଆଗାମୀ ଦିନରେ ଦେଶର ବିଭିନ୍ନ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ବିଶେଷ ଭାବରେ ରାଜ୍ୟ ସ୍ତରରେ ଡ୍ରଗ୍ ସେବନ ସମସ୍ୟା ପରି ସାଇବର ଆକର୍ଷଣର ଶାରୀରିକ ଓ ମାନସିକ କୁପ୍ରଭାବ ନେଇ ଚିକିତ୍ସା ବ୍ୟବସ୍ଥା ଖୋଲିବାକୁ ପଡ଼ିବ। ଏହି ସମସ୍ୟା ଯୁବଶ୍ରେଣୀ ଓ ଆଗାମୀ ପୀଢ଼ି ପାଇଁ ବେଶୀ ଅଧିକ ବିପଜ୍ଜନକ। କାରଣ ଦେଶରେ ବାଳକ ବାଳିକାମାନେ ମଧ ଉପରୋକ୍ତ ଗାଜେଟ୍‌ଗୁଡ଼ିକରେ ଅତ୍ୟଧିକ ନିର୍ଭରଶୀଳ ହେଲେଣି। କମ୍ପ୍ୟୁଟର, ମୋବାଇଲ ଫୋନ ବ୍ୟବହାର ବୃଦ୍ଧି ତଥା ଇଣ୍ଟରନେଟର ଅତ୍ୟଧିକ ଉପଯୋଗ ନେଇ ଡାକ୍ତର ଓ ମାନସିକରୋଗ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ସେମାନଙ୍କର ମତ ହେଲା କୌଣସି ସମସ୍ୟା ସୃଷ୍ଟି ହେଲା ପରେ ଚିକିତ୍ସା କରିବା ଅପେକ୍ଷା ଆଗରୁ ନିବାରଣମୂଳକ ପଦକ୍ଷେପ ନିଆଯିବା ଉଚିତ। ଏଥିପାଇଁ ଇଣ୍ଟରନେଟ ବ୍ୟବହାରରେ ନିୟନ୍ତ୍ରଣ ଓ ଶୃଙ୍ଖଳା ଉପରେ ସେମାନେ ଜୋର ଦେଉଛନ୍ତି। ଛୋଟ ପିଲାଙ୍କ ପ୍ରତି ଏ କ୍ଷେତ୍ରରେ ଅଧିକ ସତର୍କତା ଆବଶ୍ୟକ। ଅଭିଭାବକମାନେ ଏଥିପାଇଁ ଦାୟିତ୍ୱବାନ ହେବାକୁ ପରାମର୍ଶ ଦିଆଯାଉଛି। ବିଶେଷଜ୍ଞମାନଙ୍କ ଭାଷାରେ ଉପରୋକ୍ତ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍‌ଗୁଡ଼ିକର ଅତ୍ୟଧିକ ବ୍ୟବହାରକୁ ସମସ୍ୟାଯୁକ୍ତ ଇଣ୍ଟରନେଟ ବ୍ୟବହାର ଓ ଅନ୍ୟାନ୍ୟ ନାମ ଦିଆଯାଉଛି। କିନ୍ତୁ ଦିଲ୍ଲୀରେ ଏମ୍ସରେ ମନସ୍ତାତ୍ତ୍ୱିକ ଚିକିତ୍ସାଭିତ୍ତିକ ଓପିଡ଼ି ପ୍ରଥମଥର ପାଇଁ ଖୋଲାଯିବା ଦ୍ୱାରା ସ୍ପଷ୍ଟ ହୋଇଯାଇଛି ଯେ ଭାରତ ଏହାକୁ ଗୁରୁତର ରୂପ ନେଉଥିବା ଚିକିତ୍ସା ସମସ୍ୟା ଭାବେ ଗ୍ରହଣ କରିଛି। ଏବେ ଦୀର୍ଘସମୟ ଧରି ଅନେକ କମ୍ପ୍ୟୁଟର ଓ ମୋବାଇଲ ଫୋନ୍ ବ୍ୟବହାର କରୁଛନ୍ତି। କେତେକ କ୍ଷେତ୍ରରେ ତାହା ଅଭ୍ୟାସଗତ ଓ ଅନ୍ୟ କେତେକ କ୍ଷେତ୍ରରେ ତାହା ବାଧ୍ୟତାମୂଳକ। ସୋସିଆଲ ମିଡ଼ିଆ ସକ୍ରିୟତା ହେଉ, ଗେମ୍ସ ପାଇଁ ହେଉ, ଭିଡ଼ିଓ ଦେଖିବା ଲାଗି ହେଉ ବୌଦ୍ଧିକ ବା ଆମୋଦପ୍ରମୋଦ ଉଦ୍ଦେଶ୍ୟରେ ଏସବୁର ବ୍ୟବହାର ବଢ଼ି ଚାଲିଛି। ମାନସିକରୋଗ ବିଶେଷଜ୍ଞମାନଙ୍କ ମତରେ ଏଥିଯୋଗୁଁ ଶାରୀରିକ ଓ ମାନସିକ ବିକୃତି ପରିଲକ୍ଷିତ ହେଲାଣି। ଯାହାର ନିରାକରଣ ଆବଶ୍ୟକ। ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ଏହା ନିଶା ସେବନ ପରି ଏକ ଦୁର୍ବଳତା ହୋଇଛି। ବୟସ୍କ ଲୋକେ ମଧ ଏଥିପ୍ରତି ଦିନକୁ ଦିନ ଅଧିକ ଆକର୍ଷିତ ହେଉଛନ୍ତି। ପରିଣତି ସ୍ୱରୂପ ଅବସାଦ, ଉତ୍କଣ୍ଠା, ଏକାଡ଼େମୀ ଓ ଦୈନନ୍ଦିନ ଜୀବନର କାମରେ ଅବହେଳା, ଜୀବନରୁ ଦୂରେଇ ଯିବା ଓ ଅନ୍ୟାନ୍ୟ ବିଶୃଙ୍ଖଳା ଏଥିଯୋଗୁଁ ପରିଲକ୍ଷିତ ହେଉଛି। ଏହି ମନସ୍ତତ୍ତ୍ୱବିତ୍ କୁପ୍ରଭାବ ସ୍ୱାସ୍ଥ୍ୟଗତ ବିପଦ ଆଣିବାକୁ ବାଧ୍ୟ। ଶୋଇବାରେ ବ୍ୟାଘାତ, ଖାଇବାରେ ବିଶୃଙ୍ଖଳା, ଚକ୍ଷୁ ସମସ୍ୟା ଓ ବସି ରହିବା ଆଦି କାରଣରୁ ଦେଖାଦେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଏଥିସହ ସଂଶ୍ଲିଷ୍ଟ। ବିବାହ, ବିଚ୍ଛେଦ, ଚାକିରି ହରାଇବା, ଋଣ ବୃଦ୍ଧି ଆଦି ସମସ୍ୟା ମଧ ଏହାର କୁଫଳ। ଦେଶରେ ସରକାର ଡିଜିଟାଲ ଯୁଗ ପାଇଁ ଆହ୍ୱାନ ଦେଉଥିବାବେଳେ ତା ପଛରେ ମହତ ଉଦ୍ଦେଶ୍ୟ ରହିଛି ସତ କିନ୍ତୁ ସାଇବର ପୃଥିବୀର ଅନ୍ୟାନ୍ୟ ସମସ୍ୟା ବୋଲି ଗୁରୁତ୍ୱ ଦେବାକୁ ହେବ। ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ପରିବର୍ତ୍ତେ ପୂର୍ବପରି ବ୍ୟକ୍ତିଗତ ଯୋଗାଯୋଗ ଓ ବନ୍ଧୁତ୍ୱ ଅଧିକ ଭଲ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ମଣିଷ ମୁହାଁ ମୁହିଁ ଭେଟ ଭାଟ ଓ କଥାବର୍ତ୍ତା ପରିବର୍ତ୍ତେ ଇଲେକ୍‌ଟ୍ରୋନିକ୍ସ ଗ୍ୟାଜେଟ ଜରିଆରେ ପୃଥିବୀ ସହ ସମ୍ପର୍କ ରଖିଲେ ନିଜ ଭିତରେ କେନ୍ଦ୍ରୀଭୂତ ହୋଇଯିବ ଯାହା ବେଶୀ ସମସ୍ୟା ସୃଷ୍ଟି କରିବ। ମଣିଷ ଏକ ସାମାଜିକ ପ୍ରାଣୀ। ତାର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ବାସ୍ତବ ପୃଥିବୀ ସହ ତାର ସଂଯୋଗ ରହିବା ଉଚିତ। ଡାକ୍ତରମାନଙ୍କ ମତରେ କମ୍ପ୍ୟୁଟର ଓ ମୋବାଇଲ ଫୋନ ଆଦି ଗ୍ୟାଜେଟ୍ ପ୍ରତି ଦୁର୍ବଳତା ବୃଦ୍ଧି ଆଚରଣଗତ ସମସ୍ୟା ବଢ଼ାଉଛି। କେତେକ କ୍ଷେତ୍ରରେ ଏଥିପାଇଁ ଆକ୍ରାନ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରିବା ଆବଶ୍ୟକ ହେଉଛି। ଏଣୁ କମ୍ପ୍ୟୁଟର, ମୋବାଇଲ ଫୋନ ଓ ଇଣ୍ଟରନେଟ ବ୍ୟବହାର ଆଦି ଦେଶରେ ଜୀବନକୁ ସମୃଦ୍ଧ କରିବା ପାଇଁ ବ୍ୟବହାର କରାଯିବା ଆବଶ୍ୟକ ଥିଲେ ବି ଏସବୁ ସାମଗ୍ରୀ ଜୀବନଶୈଳୀକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ଅନୁଚିତ।

**(ସୌଜନ୍ୟ: ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ, ଦୂରଭାଷ: ୯୧୩୨୪୩୩୩୩୩)**

# ସ୍ତନ୍ୟପାନ ଏକ ସୁସ୍ଥ ରାଷ୍ଟ୍ର ଗଠନର ସରଳ ସମାଧାନ



ବିଶ୍ୱରେ ଉପଯୁକ୍ତ ପୋଷଣର ଅଭାବ ହେତୁ ୫ବର୍ଷରୁ କମ୍ ବୟସର ଶିଶୁମାନଙ୍କର ମୃତୁହାର ହେଉଛି ୪୫%। ଏକ ତୃତୀୟାଂଶ ଶିଶୁ କୁପୋଷଣ ଜନିତ ରୋଗର ଶିକାର ହେଉଛନ୍ତି। ଏ କ୍ଷେତ୍ରରେ ଭାରତର ସ୍ଥିତି ଅଧିକ ଜଟିଳ, ଯେଉଁଠାରେ ୫ବର୍ଷ ବୟସରୁ କମ୍ ୪୦% ଶିଶୁ କୁପୋଷଣର ଶିକାର ହେଉଛନ୍ତି। ଏଥିପାଇଁ ଏକମାତ୍ର ସରଳ ସମାଧାନର ପନ୍ଥା ହେଉଛି ଶିଶୁମାନଙ୍କୁ ଉପଯୁକ୍ତ ସମୟରୁ ସ୍ତନ୍ୟପାନର ଆରମ୍ଭ କରାଇବା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ ୫ ବର୍ଷରୁ କମ ପ୍ରାୟ ୮ ଲକ୍ଷ ଶିଶୁମାନଙ୍କୁ କେବଳ ଜନ୍ମରୁ ପ୍ରଥମ ୬ ମାସ ପର୍ଯ୍ୟନ୍ତ ମା' ସ୍ତନ୍ୟପାନ କରାଇ ଏବଂ ଏଥି ସାଙ୍ଗକୁ ୨୪ ମାସ ହେବା ପର୍ଯ୍ୟନ୍ତ ଉପଯୁକ୍ତ ପରିପୂରକ ଖାଦ୍ୟ ପ୍ରଦାନ କରି କୁପୋଷଣଜନିତ ସମସ୍ୟାକୁ ଦୂର କରାଯାଇପାରିବ। ଶିଶୁର ପ୍ରାରମ୍ଭିକ ଦୁଇ ବର୍ଷ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସମୟରେ ତା ପାଇଁ ପର୍ଯ୍ୟାପ୍ତ ପରିମାଣର ପୋଷାକ ଆବଶ୍ୟକ ହୋଇଥାଏ। ଏହି ଉପଯୁକ୍ତ ପୋଷାକ ଦ୍ୱାରା ଶିଶୁଠାରେ ଦେଖା ଦେବାକୁ ଥିବା କ୍ରମାଗତ ରୋଗକୁ ଦୂର କରାଯାଇପାରେ ଓ ଶିଶୁର ସାମଗ୍ରୀକ ବିକାଶ ହୋଇପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଯେଉଁ ଦେଶମାନଙ୍କର କୁପୋଷଣର ମାତ୍ରା ଅଧିକ ସେହି ସବୁ ଦେଶମାନଙ୍କରେ ପର୍ଯ୍ୟାପ୍ତ ପରିମାଣର ସ୍ତନ୍ୟପାନ ଏବଂ ଉପଯୁକ୍ତ ପରିପୂରକ ଖାଦ୍ୟ ପ୍ରଦାନ ଦ୍ୱାରା ୫ ବର୍ଷ ବୟସରୁ କମ୍ ବୟସର ପ୍ରାୟ ୨,୨୦,୦୦୦ ଶିଶୁ ମୃତ୍ୟୁକୁ ରୋକାଯାଇପାରିବ। ଭାରତ ହେଉଛି ସେହିଭଳି ଏକ ଦେଶ ଯେଉଁଠାରେ ୫ବର୍ଷରୁ କମ୍ ହୋଇଥିବା ପ୍ରାୟ ୪୩% ଶିଶୁ କମ୍ ଓଜନ ବିଶିଷ୍ଟ ଓ ୪୮% କୁପୋଷଣର ଶିକାର ହେଉଥିବା ଶିଶୁ ରହିଛନ୍ତି। ସ୍ତନ୍ୟପାନ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଅଧିକ ରହିଛି। କିନ୍ତୁ ଏ କ୍ଷେତ୍ରରେ ଏକ ପ୍ରମୁଖ ଆହ୍ୱାନ ହେଉଛି ଲୋମାନେ ସେଥିପ୍ରତି ବିଶେଷ ସଚେତନ ନୁହନ୍ତି। ଏଥିପାଇଁ ବିଶେଷକରି ପରିବାରର ସଦସ୍ୟମାନେ ମାଙ୍କୁ ସ୍ତନ୍ୟପାନର ଉପକାରିତା ଓ ଗୁରୁତ୍ୱ ସମ୍ବନ୍ଧରେ ସଚେତନ କରାଇବା ଆବଶ୍ୟକ। ଏହା ଘର, କାର୍ଯ୍ୟସ୍ଥଳ କିମ୍ବା ଶିଶୁ ଯତ୍ନ କେନ୍ଦ୍ର ହୋଇଥାଉ ନା କାହିଁକି। ଏଥିପାଇଁ ପ୍ରତ୍ୟେକ ମାମାନଙ୍କ ନିମନ୍ତେ ଉପଯୁକ୍ତ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ୟୁନିସେଫ୍ ୨୦୧୭ର ତଥ୍ୟ ଅନୁଯାୟୀ ପ୍ରତ୍ୟେକ ବର୍ଷ ବିଶ୍ୱ ସ୍ତରରେ ଜନ୍ମ ନେଉଥିବା ୧୩୫ ନିୟୁତ ଶିଶୁମାନଙ୍କ ମଧ୍ୟରୁ ପ୍ରାୟ ୮୩ ନିୟୁତ ଶିଶୁମାନେ ପର୍ଯ୍ୟାପ୍ତ ପରିମାଣରେ ସ୍ତନ୍ୟପାନର ସୁଯୋଗ ପାଇପାରୁନାହାନ୍ତି। ଆଉ ମଧ କେବଳ ୪୨% ମହିଳାମାନେ ଶିଶୁ ଜନ୍ମର ପ୍ରଥମ ଘଣ୍ଟାମଧ୍ୟରେ ଶିଶୁକୁ ସ୍ତନ୍ୟପାନ କରାଉଥିବା ବେଳେ ମାତ୍ର ୩୯% ମହିଳାମାନେ ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଇଥାନ୍ତି ଏବଂ କେବଳ ୫୮% ମା'ମାନେ ୨ବର୍ଷ ପର୍ଯ୍ୟନ୍ତ ଶିଶୁକୁ ସ୍ତନ୍ୟପାନ ଜାରି ରଖିଥାନ୍ତି। ସ୍ତନ୍ୟପାନ ହେଉଛି ଏକ ସର୍ବୋତ୍କୃଷ୍ଟ ପ୍ରାକୃତିକ ପରିପୂରକ ଖାଦ୍ୟ ଯେଉଁଥିରେ ରହିଛି ପୋଷାକ ସନ୍ତୁଳନତା ଯାହା ଶିଶୁ ପାଇଁ ସଂପୂର୍ଣ୍ଣ ଉପଯୋଗୀ। ଡଃ ମହାପାତ୍ର ଶୁଣି କହିଛନ୍ତି ଯେ ଶିଶୁର ବୟସ ବଢ଼ିବା ସହିତ ତାର ଆବଶ୍ୟକତାରେ ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ମା'କ୍ଷୀର ମଧ୍ୟରେ ପରିବର୍ତ୍ତନ ଦେଖାଦେଇଥାଏ। ପ୍ରଥମ ୬ମାସ ପର୍ଯ୍ୟନ୍ତ ଶିଶୁକୁ ମା'କ୍ଷୀର ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ଦେବାର ଆବଶ୍ୟକତା ନାହିଁ ଏପରିକି ପାଣି ମଧ ନୁହେଁ। କାରଣ ମା'କ୍ଷୀରରେ ୮୮% ପାଣି ରହିଛି। ଆଉ ମଧ ପ୍ରସବ ପରବର୍ତ୍ତୀ ମା'କ୍ଷୀରରେ ରହିଥିବା କୋଲୋଷ୍ଟ୍ରମ ସାଧାରଣ କ୍ଷୀର ତୁଳନାରେ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ଏଥିରେ ମଧ ଶିଶୁ ପାଇଁ ଅନେକ ଉପଯୋଗୀ ପୋଷକ ତତ୍ତ୍ୱ ରହିଛି। ମା'କ୍ଷୀରରେ ରହିଥିବା ପ୍ରମୁଖ ଉପାଦାନ ଶିଶୁକୁ ଅନେକ ରୋଗରୁ ରକ୍ଷା ପ୍ରଦାନ କରେ। କେବଳ ଏତିକି ନୁହେଁ ଶିଶୁର ବୌଦ୍ଧିକ ତଥା ଶାରୀରିକ ବିକାଶ ଦିଗରେ ସହାୟକ ହୋଇଥାଏ। ଶିକ୍ଷାଞ୍ଚଳମାନଙ୍କରେ ଜନ୍ମିତ ଶିଶୁମାନେ ୬ମାସ ପର୍ଯ୍ୟନ୍ତ କେବଳ ସ୍ତନ ପାନ କରିବା ଆବଶ୍ୟକ। ଏହାଦ୍ୱାରା ସେମାନଙ୍କ ଠାରେ ପେଟ ରୋଗଜନିତ କୌଣସି ସମସ୍ୟା ଦେଖାଦେଇନଥାଏ। ଡାଇରିଆ ଓ ନିମୋନିଆ ହେଉଛି ଦୁଇଟି ରୋଗ ଯଦ୍ୱାରା ୫ ବର୍ଷରୁ କମ ବୟସର ଶିଶୁମାନଙ୍କର ମୃତ୍ୟୁ ହାର ଅଧିକ ହୋଇଥାଏ। ଅନେକ ଅନୁଧ୍ୟାନରୁ ଏହା ଜଣାଯାଇଛି ଯେ ଯେଉଁ ଶିଶୁମାନଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ସ୍ତନ ପାନ କରାଯାଇଥାଏ ସେମାନଙ୍କ ଠାରେ ପାକସ୍ଥଳୀଜନିତ ସଂକ୍ରମଣ, ଶ୍ୱାସକ୍ରିୟାଜନିତ ସମସ୍ୟା, କାନର ସଂକ୍ରମଣ, ମେନିନଜାଇଟିସ୍ ସମସ୍ୟା କମ୍ ଦେଖା ଦେଇଥାଏ। ସ୍ତନ୍ୟପାନ ଦ୍ୱାରା ଶିଶୁର ପର୍ଯ୍ୟାପ୍ତ ବିକାଶ ହୁଏ। ଏହାଦ୍ୱାରା ମା ଓ ଶିଶୁଙ୍କ ମଧ୍ୟରେ ଆବେଗିକ ସମ୍ପର୍କ ଦୃଢ଼ ହୁଏ। ସ୍ତନ୍ୟପାନ କରାଇବା ଦ୍ୱାରା ମା'ମାନଙ୍କ ଠାରେ ଦେଖାଦେଉଥିବା ପ୍ରସବ ପରବର୍ତ୍ତୀ ସମସ୍ୟା ଦୂର ହୁଏ। ଏହା ମଧ ମା'ମାନଙ୍କ ଠାରେ ଦେଖାଦେଉଥିବା କାର୍ଡ଼ିଓଭାସ୍କୁଲାର ରୋଗ ସାଙ୍ଗକୁ ଓଭାରିଆନ ଏବଂ ସ୍ତନ କର୍କଟ ପରି ବିପଦ ସମ୍ଭାବନାକୁ ହ୍ରାସ କରେ। ଉଭୟ ମା ଓ ଶିଶୁର ସୁସ୍ଥତା ପାଇଁ ସେମାନଙ୍କୁ ତଥା ସେମାନଙ୍କର ପରିବାରର ସଦସ୍ୟ ମାନଙ୍କୁ ଏ ଦିଗରେ ସଚେତନ କରାଇବା ହେଉଛି ସବୁଠାରୁ ବଡ଼ ଆହ୍ୱାନ। ତେଣୁ ମା'ମାନଙ୍କୁ ଏ ବିଷୟରେ ଅଧିକ ସଚେତନ କରାଇବାର ଆବଶ୍ୟକତା ରହିଛି। ସର୍ବାଧିକ ମାତ୍ରାରେ ସ୍ତନ୍ୟପାନ କରାଇବା ଦ୍ୱାରା କୁପୋଷଣଜନିତ ସମସ୍ୟାକୁ ଅନେକ ମାତ୍ରାରେ ଦୂର କରାଯାଇପାରିବ।

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ,** ସହଯୋଗୀ ପ୍ରଫେସର, ଶିଶୁରୋଗ ବିଶେଷଜ୍ଞ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪

## ସ୍ୱର୍ଗତଃ ରବିନାରାୟଣ ଦାସଙ୍କ ବିୟୋଗରେ ଶୋକ

ବାଲେଶ୍ୱର (ପିଏନ୍): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର ସ୍ଥିତ ସଂଘ କାର୍ଯ୍ୟାଳୟରେ ସ୍ୱର୍ଗତଃ ରବିନାରାୟଣ ଦାସ, ଆଇ.ଏ.ଏସ୍., ପୂର୍ବତନ ଓଡ଼ିଶା ଯୋଜନା ବୋର୍ଡ଼ ଉପଦେଷ୍ଟାଙ୍କ ଦୁଃଖଦ ମୃତ୍ୟୁରେ ମ୍ରିୟମାଣ ହେବା ସହ ଦୁଇମିନିଟ୍ ନିରବ ପ୍ରାର୍ଥନା ତଥା ସ୍ମୃତିଚାରଣ କରାଯାଇଥିଲା। ସଂଘର ସଭାପତି ଶ୍ରୀ ଧୀରେନ୍ଦ୍ରନାରାୟଣ ଦାସ ଉକ୍ତ ଶୋକସଭାରେ ଅଧକ୍ଷତା କରିବା ସହ ସମ୍ପାଦକ ଇଂ. ବନମାଳୀ ନାୟକ, ଡା. ତାରାକାନ୍ତ ନନ୍ଦ, କୃଷ୍ଣ ଚନ୍ଦ୍ର ପାତ୍ର, ରମେଶ ଚନ୍ଦ୍ର ଜେନା, ଶ୍ରୀଯୁକ୍ତ ଅନନ୍ତ କୁମାର ପ୍ରଧାନ, ଭବେଶ ଚନ୍ଦ୍ର ପଣ୍ଡା, ରବିନ୍ଦ୍ରନାଥ ପାଣି, ଶଶାଙ୍କ ଶେଖର ଦତ୍ତ, ଶେଖ ଆଲ୍ଲାଉଦ୍ଦିନ୍, ଇଂ. ରାମଚନ୍ଦ୍ର ବାଗ, କେଶବ ଚନ୍ଦ୍ର ମହାନ୍ତି, ଇଂ. ରାମଚନ୍ଦ୍ର ସେଠୀ, ଇଂ. ଶ୍ରୀରାମ ଦାସ, ବିଦ୍ୟାଧର ନାୟକ, ବରେନ୍ଦ୍ର ନାଥ ଜେନା, ସତ୍ୟନାରାୟଣ ନାୟକ, ସାବିତ୍ରୀ ଦାସ, ଶଚୀନ୍ଦ୍ର ଦାସ, କାଳୀଚରଣ ବେହେରା, ପ୍ରଫୁଲ୍ଲ କୁମାର ଦାସ, ବିଜୟ କୁମାର ଦାସ ଅଧିକାରୀ ସ୍ୱର୍ଗତଃ ଦାସଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବଳାତ୍କାରୀଙ୍କୁ ଫାଶିଦଣ୍ଡ ଦାବିରେ ନୂତନ ଆଇନ୍ ଦାବି ନେଇ ନବନିର୍ମାଣ ଯୁବ ଓ ଛାତ୍ରର ବିକ୍ଷୋଭ

ଭୁବନେଶ୍ୱର (ପିଏନ୍): ଦିଲ୍ଲୀର ନିର୍ଭୟା ବଳାତ୍କାର ଘଟଣାଠାରୁ ଆରମ୍ଭ କରି ହାଇଦ୍ରାବାଦ ଡ଼ାକ୍ତର ପ୍ରିୟଙ୍କା ରେଡିଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପର୍ଯ୍ୟନ୍ତ ସବୁଠି ସରକାର କଠୋର କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହୁଛନ୍ତି ହେଲେ ଏହା ପରେ ମଧ ସାରା ଦେଶରେ ମହିଳାମାନେ ପୁଣି ବିରଳ ଓ ଜଘନ୍ୟ ହିଂସାର ଶିକାର ହେଉଛନ୍ତି। ମହିଳାମାନେ ଏଭଳି ଘଟଣାରେ ନିର୍ଯ୍ୟାତିତ ହେଉଥିବା ବେଳେ କୁରୁସଭାରେ ଦ୍ରୌପଦୀ ବିବସନା ହେଉଥିବା ବେଳେ ଭୀଷ୍ମ, ଦ୍ରୋଣ ଯେପରି ପ୍ରତିବାଦଶୂନ୍ୟ ହୋଇ ମୌନ ବସିଥିଲେ, ଆମ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସେପରି ମୌନ ରହୁଛନ୍ତି। ସେପରି ବଳାତ୍କାର ଘଟଣାରେ ସାରା ସଭ୍ୟ ସମାଜ ଓ ଦେଶ ଏହି ଦୁଷ୍କର୍ମ ଘଟଣାରେ ଲଜ୍ଜା ଅନୁଭବ କରୁଥିବା ବେଳେ ନେତାମାନେ ସମ୍ବେଦନଶୀଳ ନହୋଇ ଗତାନୁଗତିକ ବିବୃତ୍ତି ଦେଉଛନ୍ତି। ପୁରୀ ଦୁଷ୍କର୍ମ ଘଟଣାରେ ଭୁବନେଶ୍ୱରରେ ଆୟୋଜିତ ଯୁବ ଛାତ୍ର ସଂଗଠନର ବିକ୍ଷୋଭକାରୀଙ୍କୁ ଉଦ୍‌ବୋଧନ ଦେଇ ସଂଗଠନର ଅନ୍ୟତମ ପ୍ରତିଷ୍ଠାତା ଶେଷଦେବ ନନ୍ଦ ଏହା କହିଛନ୍ତି। ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରି କହିଲେ ଯେ, ଯେଉଁ ସରକାର ଗାନ୍ଧିଜୀଙ୍କ ସ୍ୱପ୍ନକୁ ପଦ ଦଳିତ କରି ମଦର ପ୍ରଚାର ଓ ପ୍ରସାର କରୁଛନ୍ତି, ସେଭଳି ସରକାର ଠାରୁ ଆମେ ଅଧିକ ନ୍ୟାୟ ଆଶା କରପାରୁନାହୁଁ। ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରିବା ପାଇଁ ଟ୍ରାଫିକ୍ ନିୟମ କଡ଼ାକଡ଼ି କରି ଆକାଶଛୁଆଁ ଜୋରିମାନା ଲାଗୁ କରୁଥିବା ସରକାର ବଳାତ୍କାରୀଙ୍କୁ ତତ୍କାଳ ମୃତ୍ୟୁ ଦଣ୍ଡ ଦେବାକୁ ଆଇନ୍ ଆଣିବା ପାଇଁ କାହିଁକି ପଛଘୁଞ୍ଚା ଦେଉଛନ୍ତି ତାହା ଆମକୁ ଆଶ୍ଚର୍ଯ୍ୟ ଲାଗୁଛି। ମହିଳାଙ୍କ ବିରୁଦ୍ଧରେ ଜଘନ୍ୟ ଓ ବିରଳ ହିଂସା ଭିଆଉଥିବା ଜହ୍ଲାଦମାନଙ୍କୁ ତୁରନ୍ତ ଫାଶି ପାଇଁ ହେଉଥିବା ଆନ୍ଦୋଳନ ଆଗକୁ ଆହୁରି ତେଜିବ। କୃଷକ ସଂଗଠନ ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତ, ଦୁର୍ଗାପ୍ରସାଦ ଦାସ, ମହିଳାନେତ୍ରୀ ମଧୁମିତା ସାମଲ, ମମତା ନାଥ ପ୍ରମୁଖ ବକ୍ତବ୍ୟ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ପାଇଁ ଯେପର୍ଯ୍ୟନ୍ତ ସର୍ବଶ୍ରେଷ୍ଠ ଆଇନ୍ ନ ଆଣିଛନ୍ତି ଏହି ଆନ୍ଦୋଳନ ମୁଖର ରହିବ ବୋଲି କହିଥିଲେ। ସାରା ଦେଶ ଏବେ ମହିଳାଙ୍କ ସୁରକ୍ଷା ପାଇଁ ଗୋଟିଏ ସୂତ୍ରରେ ଏକାଠି ହେଉଥିବାରୁ ତୁରନ୍ତ ସରକାର ଏ ନେଇ ନୂତନ ଆଇନ୍ ପ୍ରଣୟନ କରନ୍ତୁ। ଗାନ୍ଧିଜୀଙ୍କ ସ୍ୱପ୍ନ ନିଶାର୍ଦ୍ଧରେ ଜଣେ ଯୁବତୀ ଏକାକିନୀ ରାସ୍ତାରେ ଯାଇପାରିଲେ ତାହା ହିଁ ହେବ ମୋ ସ୍ୱପ୍ନର ସ୍ୱାଧୀନତା ବୋଲି ସେ ସ୍ୱପ୍ନ ଆଜି ସୁଦୂର ପରାହତ ହୋଇଛି ବୋଲି ଛାତ୍ରନେତାମାନେ କହିଥିଲେ। ଆଜିର ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଯୁବଛାତ୍ର ସଂଗଠନର ରାଜ୍ୟ ସହ ସଂଯୋଜକ ସାଇ ପ୍ରସାଦ ପଲ୍ଲାଇ, ରଞ୍ଜନ ନାୟକ, ସୋନାଲି ମିଶ୍ର, ନାରୀନେତ୍ରୀ ମୀନା ସାହୁ, କୁନି ମହାପାତ୍ର, ଶେଖ୍ ତସୱର, ରିତେଶ ଦାସ, ଅଶ୍ୱିନୀ ଜେନା, ବିପ୍ଳବ କୁମାର ପ୍ରଧାନ, ବବୁଲ ନାୟକ, ଅମରଜିତ୍ ସ୍ୱାଇଁ, ଚିଣ୍ଟୁ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ସ୍ୱର୍ଗତଃ ମୁରଲୀଧର ପ୍ରଧାନଙ୍କ ୧୦୧ ତମ ଜୟନ୍ତୀ ଅନୁଷ୍ଠିତ



ଖୋରଧା (ପିଏନ୍)-ଶିକ୍ଷାବିତ୍, ସାହିତ୍ୟିକ, ଐତିହାସିକ, ସମାଜସେବୀ ତଥା ଖୋରଧା ସହରର ଅନ୍ୟତମ ମୁରବୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତଃ ମୁରଲୀଧର ପ୍ରଧାନଙ୍କ ୧୦୧ତମ ଜୟନ୍ତୀ ଉତ୍ସବ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ପ୍ରାଧାପକ ଗୋପାଳକୃଷ୍ଣ ଦାସ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଜ୍ଞାନରଞ୍ଜନ ଦାଶ, ଡ. ବୃନ୍ଦାବନ ପଣ୍ଡା, ଜବାହାରଲାଲ ସୁବୁଦ୍ଧି, ଗୋବିନ୍ଦଚନ୍ଦ୍ର ମହାରଣା, ଲକ୍ଷ୍ମୀଧର ବଡ଼ଜେନା ପମୁଖ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ବ୍ୟକ୍ତିତ୍ୱର ବହୁ ଦିଗ ଉପରେ ଆଲୋଚକମାନେ ସ୍ୱକୀୟ ମତ ରଖି କହିଥିଲେ ଯେ, ସ୍ୱର୍ଗତ ପ୍ରଧାନଙ୍କର ଆଞ୍ଚଳିକ ଇତିହାସ ଉପରେ ମୌଳିକ ଗବେଷଣାତ୍ମକ ପୁସ୍ତକ, ଗଳ୍ପ ପୁସ୍ତକ ଓ ବହୁବିଧ ସମସ୍ୟାମୂଳକ ପ୍ରବନ୍ଧ ତାଙ୍କର ଅମରକୃତି । ତାଙ୍କର ଆତ୍ମଜୀବନୀ ପୁସ୍ତକ ବିଗତ ୧୦୦ ବର୍ଷର ଖୋରଧା ଇତିହାସ ବହନ କରେ । ଖୋରଧା ଜିଲ୍ଲା ଆନ୍ଦୋଳନ, ରେଳ ଆନ୍ଦୋଳନ ଓ ମଦବିରେଧୀ ଆନ୍ଦୋଳନରେ ତାଙ୍କର ଭୂମିକା ଚିରସ୍ମରଣୀୟ । ତାଙ୍କର ଜ୍ୟେଷ୍ଠ ପୁତ୍ର ବିଜୟ ରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ପୁତ୍ରମାନେ ମାନସ ରଞ୍ଜନ ପ୍ରଧାନ ଓ ଡ. ନଳିନୀ ରଞ୍ଜନ ରାୟ ପ୍ରମୁଖ ଉତ୍ସବ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## କମେଣ୍ଟ ମାରି ବନ୍ଧା ହେଲେ ଦୁଇ ରୋଡ ରୋମିଓ

ବାଲେଶ୍ୱର (ପିଏନ୍): ବାଲେଶ୍ୱର ନୀଳଗିରି ଅଞ୍ଚଳରେ ଯୁବତୀଙ୍କୁ କମେଣ୍ଟ ମାରି ବନ୍ଧା ହୋଇଛନ୍ତି ୨ ରୋଡ ରୋମିଓ । ଦୁହେଁ ବିଭିନ୍ନ ସମୟରେ କଲେଜ ଛାତ୍ରୀଙ୍କୁ ହଇରାଣ କରୁଥିବାର ଅଭିଯୋଗ ହୋଇଥିଲା । ଏହି ରୋଡ ରୋମିଓଙ୍କ ବାରମ୍ବାର ଉତ୍ପାତ ବିଷୟରେ ଥାନାରେ ଅଭିଯୋଗ ହୋଇଥିଲା । ଯାହାକୁ ଆଧାର କରି ନୀଳଗିରି ଥାନା ଅଧିକାରିଣୀ ତଦନ୍ତ କରି ବଡପାଟପୁର ଅଞ୍ଚଳର ପୁନିଆ ମଲ୍ଲିକ ଓ ଜଗନ୍ନାଥ ମଲ୍ଲିକଙ୍କୁ ଗିରଫ କରିଛନ୍ତି ।

# ଖଣି ଏବଂ ପରିବେଶ ବିଷୟ ଉପରେ ଡିସେମ୍ବର ୨୦ରୁ ୨୨ ଆୟୋଜିତ ହେବ ତିନିଦିନିଆ କାର୍ଯ୍ୟକ୍ରମ



ଭୁବନେଶ୍ୱର (ପିଏନ୍): ପୂର୍ବ ଭଳି ଚଳିତ ବର୍ଷ ଓଡିଶା ପରିବେଶ କଂଗ୍ରେସ ୨୦୧୯ ତରଫରୁ ଡିସେମ୍ବର ୨୦ରୁ ୨୨ ରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଆ.ର.ଏମ୍.ଏନ୍.ଏଚ୍ ପରିସରରେ 'ଖଣି ଏବଂ ପରିବେଶ' ବିଷୟକୁ ନେଇ ତିନି ଦିନିର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରକୃତି ଆମ ରାଜ୍ୟକୁ ଖଣିଜ ସମ୍ପଦରେ ବିଭବଶାଳୀ କରିଛି। ଖଣି ଆମ ଅର୍ଥନୀତିକୁ ସମୃଦ୍ଧ କରିଛି। କିନ୍ତୁ ସେହି ଖଣି ଆଜି ଅନେକ କ୍ଷେତ୍ରରେ ରାଜ୍ୟର ବିକାଶ ପରିବର୍ତ୍ତେ ବିନାଶର କାରଣ ପାଲଟିଛି। ବିଶେଷକରି ପରିବେଶ ଏହା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଛି। ଖଣି ଅଞ୍ଚଳରେ ପାଣି ପବନ, ମାଟି, ଜଙ୍ଗଲ ଇତ୍ୟାଦି ପ୍ରଦୂଷଣ ଏବଂ ଅବକ୍ଷୟର ଶିକାର ହୋଇଛି। ତିନି ଦିନିଆ ପରିବେଶ କଂଗ୍ରେସରେ ଏହି ବିଷୟକୁ ନେଇ ଚର୍ଚ୍ଚା ହେବ। ରାଜ୍ୟ ଏବଂ ରାଜ୍ୟ ବାହାରୁ ୩୦ ଜଣ ଗଭେଷକଙ୍କର ପ୍ରବନ୍ଧ ସବୁକୁ ସମ୍ପାଦିତ କରାଯାଇ ଏକ ପୁସ୍ତକ ପ୍ରକାଶ ପାଇବ, ଯାହା ଉପରେ ତିନି ଦିନ ଧରି ଆଲୋଚନା ହେବ। 'ଦାୟିତ୍ୱସମ୍ପନ୍ନ ଖଣି ଖନନ ଓ ଖଣି ଶିଳ୍ପ' ଉପରେ ଏକ ବିଶେଷ ଅଧିବେଶନ ଅନୁଷ୍ଠିତ ହେବ ଯେଉଁଥିରେ ଖଣି ଶିଳ୍ପ ମାନେ ଭାଗ ନେବେ। ସେହିପରି ଖଣି ଦ୍ୱାରା ପ୍ରଭାବିତ ଅଞ୍ଚଳର ଲୋକ ଏବଂ ଜନ ଆନ୍ଦୋଳନ ଗୁଡିକ 'ଭୁକ୍ତଭୋଗୀଙ୍କ ସ୍ୱର' ଶୀର୍ଷକ ବିଶେଷ ଅଧିବେସନରେ ଭାଗ ନେବେ। ତିନିଦିନର ମୁଖ୍ୟ କାର୍ଯ୍ୟକ୍ରମ ପୂର୍ବରୁ ୧୫ ଡିସେମ୍ବର ରବିବାର ଦିନ ଆର.ଏମ୍.ଏନ୍.ଏଚ୍ ପରିସରରେ ବିଭିନ୍ନ ବର୍ଗର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଖଣି ଏବଂ ପରିବେଶ ବିଷୟକୁ ନେଇ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତାର ଆୟୋଜନ କରାଯିବ ଏବଂ କଂଗ୍ରେସ ପୂର୍ବବର୍ତ୍ତୀ କାର୍ଯ୍ୟକ୍ରମ ହିସାବରେ କେନ୍ଦୁଝର ଓ ଝାରସୁଗୁଡା ଠାରେ ପରିବେଶ ଓ ଖଣି ବିଷୟକୁ ନେଇ ଦୁଇଟି ଜିଲ୍ଲା ସ୍ତରୀୟ କର୍ମଶାଳା ଆୟୋଜନ କରାଯିବାର ବ୍ୟବସ୍ଥା ରହିଛି। ଏହି କର୍ମଶାଳାରେ ଗଭେଷକ, ବୁଦ୍ଧିଜୀବି, ଛାତ୍ର, ସାମାଜିକ କର୍ମୀ ଇତ୍ୟାଦି ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଯୋଗ ଦେବେ। ଯାହାର ସାରାଂଶ ତିନି ଦିନର ମୁଖ୍ୟ କାର୍ଯ୍ୟକ୍ରମକୁ ଆଗକୁ ନେବାରେ ଖୋରାକ ଯୋଗାଇବ। ଏହି ତିନିଦିନିଆ ପରିବେଶ କଂଗ୍ରେସ କାର୍ଯ୍ୟକ୍ରମରେ ଚାରିଗୋଟି ପ୍ରମୁଖ ପ୍ରତିଫଳନର ବ୍ୟବସ୍ଥା ରହିଛି ଯଥା: ୧. ଏକ ତଥ୍ୟ ସମ୍ବଳିତ ପୁସ୍ତକର ଉନ୍ମୋଚନ ୨. ଯୁବ ବୈଜ୍ଞାନିକ ସମ୍ମାନ୍ନ ୩. ସବୁଜ ପ୍ରତିନିଧି ସମ୍ମାନ୍ନ ୪. ଏସ୍.ବି ମିଶ୍ର ସବୁଜ ଶିଳ୍ପ ସଂସ୍ଥା ସମ୍ମାନ୍ନ ପ୍ରକାଶ ଥାଉକି ଏଚ.ଡି.ଏଫ୍ - ସି.ଡି.ଏ.ଆର୍, ସି.ଇ.ଡି, ଶିକ୍ଷା, ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଜେଭିୟର ବିଶ୍ୱବିଦ୍ୟାଳୟ, ଓଡିଶା ପରିବେଶ ସମିତି ପ୍ରମୁଖ ଅନୁଷ୍ଠାର ମିଳିତ ଆନୁକୂଲ୍ୟରେ ଏହି ଓଡିଶା ପରିବେଶ କଂଗ୍ରେସ ବିଗତ ୯ ବର୍ଷଧରି ଆୟୋଜିତ ହୋଇ ଆସୁଛି। ଚଳିତ ବର୍ଷ ଏହାର ୧୦ମ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ମହାମହୀମ ରାଜ୍ୟପାଳ, ରାଜ୍ୟ ଏବଂ କେନ୍ଦ୍ରର ମନ୍ତ୍ରୀ ଓ ଅଧିକାରୀ ମାନଙ୍କ ବ୍ୟତୀତ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି, ଅନ୍ୟାନ୍ୟ ଅନୁଷ୍ଠାନର ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଆମନ୍ତ୍ରଣ କରାଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଓଡିଶା ପରିବେଶ କଂଗ୍ରେସର ଅଧକ୍ଷ ଶ୍ରୀ ଧିରେନ କୁମାର ରାୟ, କାର୍ଯ୍ୟକାରି ସଂପାଦକ ଶ୍ରୀ ସୁଦର୍ଶନ ଦାସଙ୍କ ସମେତ ଡ: ବିଧୂ ଭୂଷଣ ସାମନ୍ତ, ଜୟକୃଷ୍ଣ ପାଣିଗ୍ରାହୀ, ନିରଦ ଖୁଣ୍ଟିଆ, ବିଜୟ ପ୍ରଧାନ, ସୁବ୍ରତ ରାଉତ, ଦିଲ୍ଲିପ ସାବତ, ସରିତା ସାମଲ ପ୍ରମୁଖ ଯୋଗ ଦେଇଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ସର୍ବଭାରତୀୟ ମା ବାସୁଳି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବ୍ରହ୍ମପୁର ୟୁନାଇଟେଡ ଇଲେଭେନ ବିଜୟୀ



କେନ୍ଦୁଝର(ପିଏନ)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାଟଡିହୀ ମଠ କପୁଣ୍ଡି ମିନି ଷ୍ଟାଡିୟମ ଠାରେ ସର୍ବଭାରତୀୟ ମା ବାସୁଳି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି ।ଆନନ୍ଦପୁର ବିଧାୟକ ଭାଗିରଥି ସେଠି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଖେଳ ପତାକାକୁ ଉତୋଳନ କରିଥିଲେ ।ବ୍ଲକ ଅଧ୍ୟକ୍ଷା ସଂଜୁଲତା ବିଶ୍ୱାଳ ,ଡାକ୍ତର ବିଜୟ ନାରୟଣ ରଉତ,ଆଂଚଳିକ ଯୁବ ପରିଷଦ ସଭାପତି ଚିନ୍ମୟ ନାୟକ ଓ ଉପଦେଷ୍ଟା ମନୋଜ କୁମାର ପାତ୍ର ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ ।ମୁଖ୍ୟ ଅତିଥି ବିଧାୟକ ସେଠୀ ଦୁଇ ଦଳର ଖେଳାଳୀଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ କରିଥିବାବେଳେ ଯୁବପରିଷଦର କର୍ମକର୍ତାଙ୍କୁ ପ୍ରଶଂସା କରିଥିବା ସହ ଖେଳ ପଡିଆର ଉନ୍ନତି କରଣ ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯିବବୋଲି ଘୋଷଣା କରିଥିଲେ । ପ୍ରଥମ ଦିନ ମ୍ୟାଚ ଖୋର୍ଦ୍ଧା ଇଷ୍ଟ କୋଷ୍ଟ ରେଲୱେ ଓ ବ୍ରହ୍ମପୁର ୟୁନାଇଟେଡ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୨୦ ଓଭର ମ୍ୟାଚ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ରେ ଇଷ୍ଟ କୋଷ୍ଟ ରେଲୱେ ପ୍ରଥମେ ଟସ୍ ଜିତି ଫିଲ୍ଡିଙ୍ଗ କରିବାକୁ ନିଷ୍ପତି ନେଇଥିଲା । ୟୁନାଇଟେଡ ଇଲେଭେନ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା । ଜବାବରେ ଖୋର୍ଦ୍ଧା ଇଷ୍ଟ କୋଷ୍ଟ ରେଲୱେ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୩୮ ରନ ସଂଗ୍ରହ କରିଥିଲା । ୟୁନାଇଟେଡ ଇଲେଭେନ ର ସନ୍ତୋଷ ସେଠୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର କରାଯାଇଥିଲା । ବିଜୟୀ ଓ ରନର୍ସଅପ ଦଳକୁ ପୁରସ୍କୃତ କରାଯାଇଥିଲା । ଅମ୍ପାୟର ଭାବେ ଶାନ୍ତନୁ ରାଉତ ଓ ସଂଜିବ ବେହେରା,ଭାଷ୍ୟକାର ଭାବେ ଗଣେଶ କୁଅଁର ଓ ଜ୍ଞାନରଜଂନ ଘଡେଇ ,ସ୍କୋରର ଭାବେ ଜ୍ୟୋତି ରଂଜନ ଜେନା ଦାୟିତ୍ୱ ତୁଲାଇ ଥିଲେ ।ସଂପାଦକ ଚିତ ରଂଜନ ପାତ୍ର,ଧବଳ ପଟ୍ଟନାୟକ, ପଦ୍ମନାଭ ସାମଲ,ବଳରାମ ଜେନା,ଦେବାଶିଷ ବାରିକ,ପ୍ରଦୀପ ଜେନା,ଅମୀୟ ରଂଜନ ନାୟକ,ବିଜୟ ମଲିକ,ମାନସ ଜେନା,ଭଗବାନ ନାୟକ,ଚାଂଦିଆ ମୁଦୁଲି,ପ୍ରତାପ ଦେବତା,ସୁଧାଂସୁ ମଲିକ,ବିପିନ ଜେନା,ମଂଟୁ ଜେନା,ପ୍ରଫୁଲ ସ୍ୱାଇଁ,ହାଡିବନ୍ଧୁ ଭୂୟାଁ ,ସିତରମ ଜେନା , ପ୍ରମୁଖ ଯୁବପରିଷଦର କର୍ମକର୍ତା ମାନେ ଖେଳ ପରିଚାଳନାରେ ସହ ଯୋଗ କରିଥିଲେ ।

## କେଡିଏମ୍ ସୁପର ଟେନ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଜାବରା ଓ ପଟୁଣିଆ ବିଜୟୀ



ଧର୍ମଶାଳା (ପି.ଏନ୍): : କଳ୍ପତରୁ ଦାସ ନ୍ୟାସ୍‌ନ୍ୟାଲ ଫାଉଣ୍ଡେସନ୍ ପକ୍ଷରୁ ୫ମ କେଡିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳ୍ପତରୁ ଦାସ ଷ୍ଟାଡିୟମ୍ ଠାରେ ସୁପର ଟେନ୍‌ରେ ପ୍ରବେଶ କରିଥିବା ଟିମ୍ ମଧ୍ୟରୁ ଆଜି ଦୁଇଗୋଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ୍‌ରେ ଜାରକା ଦଳ ୩୩ ରନ୍‌ର ରାଇଛନ୍ଦକୁ ପରାସ୍ତ କରି ବିଜୟ ହୋଇଥିଲା । ଟର୍ଚ୍ଚରେ ଜିତି ଜାବରା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ଖେଳି ୬ ୱିକେଟ୍‌ରେ ୧୬୨ ରନ୍ କରିଥିଲା । ଦଳ ପକ୍ଷରୁ କ୍ରାନ୍ତି ଶଙ୍କରଙ୍କ ଧୂଆଁଧାର ୨୫ବଲରେ ୪୭ରନ୍, ରାକେଶ ପଣ୍ଡା ୨୦ବଲରେ ୩୯ରନ କରିଥିବା ବେଳେ ବିପକ୍ଷ ଦଳ ବୋଲିଂରେ ରତ୍ନାକର ପ୍ରଧାନ ୩ଟି, ବାସୁଦେବ ୪ଟି ୱିକେଟ୍ ଦଖଲ କରିଥିଲେ । ଏହାର ଜବାବରେ ରାଇଛନ୍ଦା ଦଳ ନିର୍ଦ୍ଧାରିତ ୧୫ ଓଭର ଖେଳି ୯ ୱିକେଟ୍ ହରାଇ ୧୨୯ରନ୍ କରିବାକୁ ସକ୍ଷମ ହୋଇଥିଲା । ବୋଲିଂରେ ଜାବରା ଦଳ ପକ୍ଷରୁ ବିଭୁତି ପୃଷ୍ଟି, ପ୍ରଭାସ ସାହୁ ପ୍ରତ୍ୟେକ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ । ଏହି ଖେଳକୁ ଇନ୍ତିକା ଆଲାମ୍, ସୁବ୍ରତ ପାଲ୍, ବାସୁଦେବ ମିଶ୍ର, ପ୍ରକାଶ ଧଳ ପରିଚାଳନା କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ପଟୁଣିଆ ଓ ଆରୁହା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟର୍ଚ୍ଚରେ ଜିତି ପଟୁଣିଆ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭର ଖେଳି ସମସ୍ତ ୱିକେଟ ବିନିମୟରେ ୧୩୦ ରନ କରିଥିଲା । ଦଳ ପକ୍ଷରୁ ବିକ୍ରମ ପାଲ ୨୧ ବଲରେ ୪୭ ରନ, ପଙ୍କଜ ରାଉତ ୧୪ ବଲରେ ୩୦ ରନ କରିଥିଲେ । ଆରୁହା ଦଳ ପକ୍ଷରୁ ମକର ପ୍ରଧାନ ୩ଟି ଓ ସୁଭେନ୍ଦୁ ବେହେରା ୨ଟି ୱିକେଟ ନେଇଥିଲେ । ଏହାରେ ଜବାବରେ ଆରୁହା ଦଳ ୯ ୱିକେଟ ବିନିମୟରେ ୧୨୭ରନ କରିଥିଲା । ଦଳ ପକ୍ଷରୁ ଦୁର୍ଯ୍ୟୋଧନ ସ୍ୱାଇଁ ୨୮ ରନ, ଅବିନାଷ ପ୍ରଧାନ ୧୪ ରନ କରିଥିଲେ । ବୋଲିଂ ପକ୍ଷରୁ ସୂର୍ଯ୍ୟପ୍ରକାଶ ଦାସ ୪ଟି, ସଂଜୀବ ଦଳାଇ ଦୁଇଟି ୱିକେଟ ଦଖଲ କରିଥିଲେ । ଖେଳକୁ ବାସୁଦେବ ମିଶ୍ର ପ୍ରକାଶ ଧଳ ପରିଚାଳନା କରିଥିଲେ । ପଟୁଣିଆ ଦଳ ୩ରନରେ ବିଜୟ ହୋଇଥିଲା ।

# ମିର୍ଜାପୁରରେ ପିଏଚ୍‌ସି ସହିତ ଡାକ୍ତର ନିଯୁକ୍ତି ପାଇଁ ପୂର୍ବତନ ବିଧାୟକଙ୍କ ଦାବୀ



ଧର୍ମଶାଳା,୬।୧(ପି.ଏନ୍):ଧର୍ମଶାଳା ବ୍ଲକର ମିର୍ଜାପୁର ପଞ୍ଚାୟତରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲିବା ନେଇ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବୀ କରିଛନ୍ତି । ଏଥି ସହିତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ଖାଲି ପଡିଥିବା ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରିବା ପାଇଁ ଶ୍ରୀ ଲାବଣ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ମିର୍ଜାପୁର ପଞ୍ଚାୟତରେ ପିଏଚ୍‌ସି ଖୋଲିବା ନେଇ ପୂର୍ବତନ ବିଧାୟକ ଶ୍ରୀ ଲାବଣ୍ୟ ଗତମାସ ୬ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ସଚିବାଳୟରେ ଦାବୀ ପତ୍ର ପ୍ରଦାନ କରିଥିଲେ । ମିର୍ଜାପୁରଠାରେ ବିଶ୍ୱ ପ୍ରସିଦ୍ଧ ବୌଦ୍ଧକୀର୍ତ୍ତି ଲାଙ୍ଗୁଡି ପର୍ଯ୍ୟଟନ କେନ୍ଦ୍ର ରହିଥିବା ବେଳେ ଦେଶ ବିଦେଶର ବହୁ ପର୍ଯ୍ୟଟକ ଏଠାକୁ ଆସିବା ସହିତ ଏଠାରେ ରହି ବୌଦ୍ଧ ଧର୍ମ ଉପରେ ଗବେଷଣା କରି ଆସୁଥିବା ନେଇ ଶ୍ରୀ ଲାବଣ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଯାଜପୁର ଜିଲ୍ଲାର ପ୍ରସିଦ୍ଧ ଶ୍ୟାମସୁନ୍ଦର ମନ୍ଦିର ଏହି ପଞ୍ଚାୟତରେ ଥିବା ବେଳେ ଦୈନିକ ଶହ ଶହ ଶ୍ରଦ୍ଧାଳୁ ଏଠାକୁ ପୂଜାର୍ଚ୍ଚନା କରିବାକୁ ଆସୁଛନ୍ତି । ଏହି ପଞ୍ଚାୟତର ସୀମାରେଖାର ଗୋଟିଏ ପଟେ ପର୍ଯ୍ୟଟନ କେନ୍ଦ୍ର ଗଲଗଲି ଶଙ୍ଖ ଏବଂ ଅନ୍ୟପଟେ ପ୍ରସିଦ୍ଧ ସିଦ୍ଧ ବଳଦେବଜୀଉ ମନ୍ଦିର ମିର୍ଜାପୁର ସହ ଯୋଡିହୋଇ ସୁବର୍ଣ୍ଣ ତ୍ରିଭୁଜ ସୃଷ୍ଟି କରୁଥିବା ଶ୍ରୀ ଲାବଣ୍ୟ ଉଲ୍ଲେଖ କରିଛନ୍ତି । ମିର୍ଜାପୁର ପଞ୍ଚାୟତରେ ପ୍ରାଥମିକ ଚିକିତ୍ସାକେନ୍ଦ୍ର ନଥିବାରୁ ପର୍ଯ୍ୟଟକମାନଙ୍କ ସହିତ ଆଖପାଖ ୨୦ଗୋଟି ମୌଜାର ଜନସାଧାରଣ ଜରୁରୀକାଳୀନ ଚିକିତ୍ସା ପାଇବାରୁ ବଞ୍ଚିତ ହେବା ସହ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାରୁ ଏଠାରେ ତୁରନ୍ତ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲିବା ପାଇଁ ଶ୍ରୀ ଲାବଣ୍ୟ ଦୃଢ ଦାବୀ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହି ଦାବୀ ପତ୍ର ପାଇବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଏନେଇ ଏକ ସୁପାରିଶ ପତ୍ର ପଠାଇଛନ୍ତି । ଗତ ତା ୨୭/୧୨/୨୦୧୯ରିଖ ପତ୍ରସଂଖ୍ୟା ଭିଆଇପି ୧୮୨/୨୦୧୯/ସିଏମ୍ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ମୁଖ୍ୟମନ୍ତ୍ରୀ ସୁପାରିଶ କରିଥିବା ଜାଣିବାକୁ ମିଳିଛି । ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ଗୋଟି ବିଶେଷଜ୍ଞ ଡାକ୍ତର ପଦବୀ ଦୀର୍ଘଦିନ ହେବ ଖାଲି ପଡିଥିବାରୁ ଏହାକୁ ତୁରନ୍ତ ପୂରଣ କରିବା ପାଇଁ ଶ୍ରୀ ଲାବଣ୍ୟ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କୁ ସଚିବାଳୟରେ ସାକ୍ଷାତ କରି ପୁନର୍ବାର ଦାବୀ କରିଛନ୍ତି । ଶ୍ରୀ ଲାବଣ୍ୟ ପୂର୍ବରୁ ଏନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଡାକ୍ତର ଅଭାବରୁ ନିଯୁକ୍ତି ଦିଆଯାଇପାରିନଥିବା ନେଇ ମନ୍ତ୍ରୀ ସ୍ୱୀକାର କରିଥିଲେ । ଆସନ୍ତା ମାସକ ମଧ୍ୟରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଭେଷଜ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବା ସହ ପରବର୍ତ୍ତୀ ସମୟରେ ଅନ୍ୟ ବିଶେଷଜ୍ଞ ପଦବୀ ପୂରଣ କରାଯିବ ବୋଲି ମନ୍ତ୍ରୀ ଆଲୋଚନା ସମୟରେ ପୂର୍ବତନ ବିଧାୟକଙ୍କୁ ପ୍ରତିଶୃତି ଦେଇଥିବା ଜାଣିବାକୁ ମିଳିଛି ।

## ଚଣ୍ଡିଖୋଲ ପ୍ରେସକ୍ଲବ ପକ୍ଷରୁ ସାମ୍ବାଦିକ ଅନିରୁଦ୍ଧ ସାମନ୍ତରାୟ ବିୟଗରେ ଶୋକସଭା



ନେଉଳପୁର, (ପି.ଏନ.)- ଚଣ୍ଡିଖୋଲର ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର,ପରିବେଶବିତ ଓ ତୃତୀୟପାଦ ଖବର କାଗଜର ସମ୍ପାଦକ ଅନିରୁଦ୍ଧ ସାମନ୍ତରାୟଙ୍କ ଅକାଳ ବିୟୋଗରେ ଚଣ୍ଡିଖୋଲ ପ୍ରେସକ୍ଲବ ପକ୍ଷରୁ ଏକ ଶୋକସଭା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା । ପ୍ରେସକ୍ଲବର ସମ୍ମିଳନୀ କକ୍ଷରେ ପ୍ରଦୀପ୍ତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶୋକସଭାରେ ଅନିରୁଦ୍ଧ ବାବୁଙ୍କର ଜୀବନଶୈଳି ଓ ତ୍ୟାଗପୁତ ନିର୍ଭିକ ସାମ୍ବାଦିକତା ଉପରେ ବର୍ଣ୍ଣନା କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ତାଙ୍କ ଦ୍ୱାରା ପ୍ରକାଶ ପାଇ ଆସୁଥିବା ତୃତୀୟପାଦକୁ ପ୍ରେସକ୍ଲବ ପକ୍ଷରୁ ସ୍ୱତନ୍ତ୍ର ଭାବେ ତାଙ୍କ ନାମରେ ପ୍ରକାଶ କରିବା ପାଇଁ ନିଷ୍ପତି ନିଆଯାଇଥିଲା ବେଳେ ସ୍ମୃତି ରକ୍ଷା ଉଦ୍ଦେଶ୍ୱରେ ସ୍ୱତନ୍ତ୍ର ପ୍ରସ୍ତାବ ଗୃହୀତ ହୋଇଥିଲା । ଅମର ଆତ୍ମାର ସଦଗତି ପାଇଁ ୨ ମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା ବେଳେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଏଥିରେ ବରିଷ୍ଠ ସାମ୍ବାଦିକ ତଥା ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସଂପାଦକ ବେଣୁଧର ପଣ୍ଡା, ଶିବରାମ ସାହୁ, ମହେଶ୍ୱର ବଳ, ପ୍ରେସକ୍ଲବ ସମ୍ପାଦକ ଦିଲ୍ଲିପ କୁମାର ମହାନ୍ତି, ପ୍ରମୋଦ କୁମାର ଜେନା, ବସନ୍ତ କୁମାର ପଲେଇ, ସମରେନ୍ଦ୍ର ମାହାଲା, ମହେଶ୍ୱର ରାଉତ, ପ୍ରଶାନ୍ତ ଜେନା, ମୋହନ ଖିଲାର, ପ୍ରସନ୍ନ ବିଶ୍ୱାଳ, ବିଶ୍ୱଜିତ ଖିଲାର, ସଞ୍ଜୟ ସ୍ୱାଇଁ, ହେମନ୍ତ ଜେନା,ମନମୋହନ ରାଉତ, ନରେନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଅବ୍ୟବସ୍ଥାରେ ସରକାରୀ ଶିକ୍ଷା ବ୍ୟବସ୍ଥା : ପରିତ୍ୟକ୍ତ ସ୍କୁଲ ଗୃହ ପିଲାଙ୍କ ଲାଗି ବିପଦ

ଭଦ୍ରକ, (ପିଏନ)-ଆଗରପଡା ତଥା ଏହର ଆଖପାଖ ଅଂଚଳରେ ଥିବା ବିଭିନ୍ନ ପ୍ରାଥମିକ ଓ ଏମ୍ଇ ସ୍କୁଲ ଗୁଡିକରେ ଦୀର୍ଘବର୍ଷ ହେଲା ଅବ୍ୟବହୃତ ପୁରୁଣା ତଥା ପରିତ୍ୟକ୍ତ ଗୃହ ଗୁଡିକ ବିପଦ ସଂକୁଳ ଅବସ୍ଥାରେ ପଡିରହିଛି । ଛୋଟ ଛୋଟ ପିଲାମାନେ ଶିକ୍ଷକଙ୍କ ଅଗୋଚରରେ ଏହି ପରିତ୍ୟକ୍ତ ଗୃହ ଗୁଡିକରେ ବିଭିନ୍ନ ସମୟରେ ଖେଳାବୁଲା କରୁଥିବା ଦେଖିବାକୁ ମିଳୁଛି । ଏହି ପରିତ୍ୟକ୍ତ ଗୃହ ଗୁଡିକୁ କେଉଁଠି କାନ୍ଥ ଫାଟି ଯିବା ସହ ଛାତ ଝୁଲି ପଡିବା ଓ ନାନା ଗୁଳ୍ମରେ ଭର୍ତି ହୋଇପଡି ରହିଛି । ଏଥିରେ ମଧ ବିଷଧର ସାପ ସହ ବିଭିନ୍ନ କୀଟ ପତଙ୍ଗମାନ ରହିଥିବାର ପରିଲକ୍ଷିତ ହେଉଛି । ଏହାକୁ ଭାଙ୍ଗିବା ପାଇଁ କୌଣସି କିଛି ପଦକ୍ଷେପ ନିଆଯାଉନାହିଁ । ଯଦ୍ଦ୍ୱାରା ଛାତ୍ରଛାତ୍ରୀମାନେ କୌଣସି ମୁହୂର୍ତ୍ତରେ ଏଥିଯୋଗୁଁ ବିପଦରେ ପଡିପାରନ୍ତି ବୋଲି ଅଭିଭାବକମାନେ ଆଶଙ୍କା କରୁଛନ୍ତି । ସିଆରସିସି ମାନେ କହିବା ଅନୁଯାୟୀ ତୋଫାବିବି କ୍ଲଷ୍ଟର ଅଧୀନ ନୂଆପୋଖରୀ, ଗୋପୀନାଥପୁର କ୍ଲଷ୍ଟର କାଣ୍ଡବ, ସାନସନ୍ଦାଡୋ, ପାହାଡପୁର, ଅଣିଜୋ କ୍ଲଷ୍ଟର ଅଧୀନ ବୁଜୀ ଜାଗୁଳାଇ, କାଦବରାଙ୍ଗ କ୍ଲଷ୍ଟର ଅଧୀନ ଭରସିଂପୁର, ଆଡିଆ କ୍ଲଷ୍ଟର ଅଧୀନ ସୁବର୍ଣ୍ଣେଶ୍ୱର, କଳାପାହାଡ ପ୍ରଭୃତି ସ୍କୁଲରେ ପରିତ୍ୟକ୍ତ ଗୃହମାନ ରହିଛି । ମାତ୍ର ସୂଚନା ଅଧିକାର ଆଇନ୍ ଅନୁଯାୟୀ ଡିପିସି ଦେଇଥିବା ତଥ୍ୟରୁ ଅଣିଜୋ ପ୍ରାଇମେରୀ, ବନ୍ତାଳ ନୋଡାଲ, ଚକ୍ରାପାଢୀ ନୋଲାଲ, ଗୋହିରା ପ୍ରାଥମିକ, ଅଢାଳପଙ୍କ ଯୋଗେନ୍ଦ୍ର ପ୍ରାଇମେରୀ, ରଇଁତରା ନୋଡାଲ ପ୍ରାଥମିକ, ତେଲନଟୀ ନୋଡାଲ, ତ୍ରିସାଲିଆ ପ୍ରୋଜେକ୍ଟ ପ୍ରାଇମେରୀ, କେ. ମହାନ୍ତିପଡା ୟୁଜିଏମ୍ଇ ଆଦି ସ୍କୁଲରେ ପରିତ୍ୟକ୍ତ ଗୃହମାନ ରହିଥିବା ଜଣାପଡିଛି । ସିଆରସିସିମାନେ ଉପରୋକ୍ତ ସ୍କୁଲ ଗୁଡିକରେ ବିପଦ ସଂକୁଳ ଗୃହ ରହିଥିବା ବିଇଓଙ୍କୁ ଜଣାଇଥିଲେ । ବିଇଓଙ୍କ ତଥ୍ୟକୁ ଆଧାର କରି ଡିପିସି ନିର୍ଦ୍ଦିଷ୍ଟ କିଛି ସ୍କୁଲରେ ଭଙ୍ଗା ଗୃହ ଅଛି ବୋଲି ତଥ୍ୟ ଦେଉଛନ୍ତି । ଯଦ୍ଦ୍ୱାରା ଶିକ୍ଷା ବିଭାଗ ଅଧିକାରୀଙ୍କ ତଥ୍ୟରେ ତାଳ ମେଳ ରହୁନାହିଁ । ସ୍କୁଲ ଗୁଡିକରୁ ତୁରନ୍ତ ବିପଦ ସଂକୁଳ ଭଙ୍ଗାଗୃହ ତଥା ପରିତ୍ୟକ୍ତ ଗୃହ ଗୁଡିକୁ ଭାଙ୍ଗିବାର ବ୍ୟବସ୍ଥା କରାଯିବା ସହ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଭିଭାବକଙ୍କ ପକ୍ଷରୁ ଦାବୀ ହେଉଛି । ଏହି ବିଷୟରେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ବିଦ୍ୟାଳୟର ପରିତ୍ୟକ୍ତ ଗୃହ ଓ ପୁରାତନ ଗୃହ ଆଦିର ଦାୟିତ୍ୱ ସରକାର ଗତ ନଭେମ୍ବର ୨୦୧୮ ରୁ ପଂଚାତୟରାଜ ବିଭାଗକୁ ହସ୍ତାନ୍ତର କରିଥିବାର କହିଥିଲେ ।

## ପୂର୍ବତନ ବର୍ଷୀୟାନ ଶିକ୍ଷକନେତାଙ୍କ ପରଲୋକ

ଧର୍ମଶାଳା (ପି.ଏନ୍):: ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଦୁବଗଡ଼ିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ପୂର୍ବତନ ଶିକ୍ଷକ ନେତା କ୍ଷେତ୍ରବାସୀ ବାରିକ (୮୮)ଙ୍କର ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ଅସୁସ୍ଥ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସ୍ୱର୍ଗତ ବାରିକ ରାଜ୍ୟ ନିମ୍ନ ମାଧମିକ ଶିକ୍ଷକ ସଂଘର ସହସମ୍ପାଦକ, ଡୋଳିପୁର ଶିକ୍ଷା ଜିଲ୍ଲାର ସଭାପତି, ପୂର୍ବତନ ସମୟର ସାମ୍ବାଦିକ, ସାହିତ୍ୟିକ ସ୍ତମ୍ଭକାର ତଥା ଜଣେ ଆଦର୍ଶ ଶିକ୍ଷକ ଭାବେ ଜଣାଶୁଣା ଥିଲେ । ଏଥିସହ ଜନ୍ମସ୍ଥାନ ଗୋପାଳପୁର ଗ୍ରାମରେ ବିଦ୍ୟାଳୟ ପ୍ରତିଷ୍ଠା କରିବା ସହ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ । ବିୟୋଗ ଖବର ପାଇ ସମାଜସେବୀ କାହ୍ନୁ ଚରଣ ଦାଶ, ଗୋଲଖ ଚନ୍ଦ୍ର ପଲେ, ଅଧ୍ୟାପକ ଡ.ଭିକାରୀ ଚରଣ ସାମଲ, ଶିକ୍ଷକ ନେତା, ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ମଦନମୋହନ ରାଉତ, ପ୍ରଶାନ୍ତ କୁମାର ସାହୁ, ସୁବାଷ ଚନ୍ଦ୍ର ବେହେରା, ବିଜୟ କୁମାର ବାରିକ, ଅକ୍ଷୟ ବାରିକ, ଗଣେଶ୍ୱର ପରିଡା, ସୁବାଷ ବାରିକ, ଅଶୋକ ବାରିକ, ଅମୂଲ୍ୟ ଦାସ, ଲୋକନାଥ ବେହେରା, ହେମନ୍ତ ବାରିକ, ନୃସିଂହ ଚରଣ ମିଶ୍ର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ପରେ ଶୋଭାଯାତ୍ରାକୁ ଗୋପାଳପୁର ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା । ବଡପୁଅ ଅଜୟ ମୁଖାଗ୍ନି ଦେଇଥିଲେ ।

## ୮ରୁ ବଡଚଣା ମହୋତ୍ସବ ୫ ଦିନ ଧରି ଚାଲିବ: ସଜେଇ ହେଉଛି ମହୋତ୍ସବ ପଡିଆ





ନେଉଳପୁର,(ପି.ଏନ):ଯାଜପୁର ଜିଲ୍ଲାର ବଡଚଣା ମହୋତ୍ସବ ଚଳିତ ବର୍ଷ ଜାନୁୟାରୀ ୮ ତାରିଖରୁ ଆରମ୍ଭ ହୋଇ ୫ ଦିନ ଚାଲିବା ପରେ ୧୨ ତାରିଖରେ ଉଦଯାପିତ ହେବ । ଏଥିପାଇଁ ପ୍ରସ୍ତୁତି ପର୍ବ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଂଚିଛି । ଏହି ମହୋତ୍ସବରେ ସ୍ଥାନୀୟ କଳା, ସଂସ୍କୃତି ଓ ଜନଜୀବନର କାହାଣୀ ଅଧିକ ମାତ୍ରାରେ ପ୍ରଦର୍ଶିତ କରିବା ପାଇଁ ନିଷ୍ପତି ହୋଇଥିଲା ବେଳେ ଅନ୍ୟ ବର୍ଷ ଅପେକ୍ଷା ଚଳିତ ବର୍ଷ ମହୋତ୍ସବକୁ ସବୁ ଦିଗରୁ ସରସ ସୁନ୍ଦର କରିବା ପାଇଁ କାମ ଆରମ୍ଭ ହୋଇଛି । ଏହି ମହୋତ୍ସବ ୪ର୍ଥ ବର୍ଷରେ ପହଂଚିଥିବାରୁ ସେଥିପାଇଁ ସ୍ୱତନ୍ତ୍ର ସାଜସଜ୍ଜା ଆରମ୍ଭ ହୋଇଛି । ଏବେ ଠାରୁ ଅପେରା ଓ ବିଭିନନ୍ ପ୍ରକାର ଦୋଳି ମହୋତ୍ସବ ପଡିଆରେ ପହଂଚି ସାରିଲାଣି । ଏହା ସାଙ୍ଗକୁ ମହୋତ୍ସବ ପଡିଆରେ ବିଭିନ୍ନ ମନୋହରୀ,ଫାଷ୍ଟଫୁଡ,ବିଭିନ୍ନ କିସମର ହସ୍ତତନ୍ତ ବସ୍ତ୍ର ଓ ବେତ,ବାଉଁଶ,କାଇଁଚରେ ପ୍ରସ୍ତୁତ ହାତ ତିଆରୀ ବିଭିନ୍ନ ଘରୋଇ ଉପକରଣର ଦୋକାନମାନ ଆଜି ଠାରୁ ନିଜନିଜର ସ୍ଥାନ ବାଛିବାରେ ଲାଗି ପଡିଛନ୍ତି । ବିଶେଷକରି ସରକାରଙ୍କ ହସ୍ତଶିଳ୍ପ ଓ ବୟନୀକା ତାର ଏକାଧିକ ଷ୍ଟଲ ମହୋତ୍ସବରେ ଖୋଲୁଥିବା ଜଣାପଡିଛି । ଚଳିତ ବର୍ଷ ମହୋତ୍ସବରେ ଅଧିକ ସଂଖ୍ୟାରେ ଦର୍ଶକଙ୍କ ସମାଗମ ହେବାର ସୂଚନା ମିଳୁଥିବାରୁ କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟହ ସଂନ୍ଧ୍ୟାରେ ଆସିଥିବା ଦର୍ଶକ ମାନଙ୍କୁ ମନମୁଗ୍ଧ କରିବା ପାଇଁ ମହୋତ୍ସବ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅତ୍ୟାଧୁନିକ ନୃତ୍ୟଗୀତର ଆୟୋଜନ କରାଯାଇଥିବା କମିଟି ପକ୍ଷରୁ ସୂଚନା ମିଳିଛି ।

# ପୁନର୍ଗଠନକୁ ୩ ବର୍ଷ ପୂରିଲା : ପଂଚାୟତ ଗୃହ ନିର୍ମାଣରେ ଜାଗା ଜମି ଅଡୁଆ

ଭଦ୍ରକ, (ପିଏନ)-ପଂଚାୟତ ପୁନର୍ଗଠନକୁ ଇତିମଧ୍ୟରେ ୩ ବର୍ଷ ପୂରିଛି, ହେଲେ ଆଜିସୁଦ୍ଧା ଭଦ୍ରକ ଜିଲାରେ ପଂଚାୟତ ଗୃହ ପୂର୍ଣ୍ଣାଙ୍ଗ ହୋଇପାରିଲାନି । ପଂଚାୟତ ଗୃହ ନିର୍ମାଣରେ କେଉଁଠି ଜାଗା ଅଡୁଆ ବାଧକ ସାଜିଛି ତ କେଉଁଠି କୋର୍ଟ କଚେରୀ ମାମଲା ଯୋଗୁଁ ଗୃହ ନିର୍ମାଣ ଅଟକିଛି । ଯେଉଁ କେତେଗୋଟି କାର୍ଯ୍ୟାରମ୍ଭ ହୋଇଛି, ତାହା ମଧ ପ୍ରଶାସନିକ ଅବହେଳା ଏବଂ ରାଜନୈତିକ ଅସହଯୋଗ ଯୋଗୁଁ ସଂପୂର୍ଣ୍ଣ ହେବା ନାଁ ଧରୁନି । ଫଳରେ ପଂଚାୟତ ପୁନର୍ଗଠନ ପରେ ପଂଚାୟତ ବିକାଶ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ନିଜସ୍ୱ ଘର ନଥିବାରୁ କେଉଁଠି ଭଡାଘରେ ତ କେଉଁଠି ପୁରୁଣା ପଂଚାୟତ ଅଫିସର ପରିତ୍ୟକ୍ତ ଗୃହରେ ନୂଆ ପଂଚାୟତ ଅଫିସ୍ କାର୍ଯ୍ୟ କରୁଛି । ଯାହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପଂଚାୟତ ପୁନର୍ଗଠନ ପରେ ସରକାର ନୂଆ ପଂଚାୟତ ଗୁଡିକର ନିଜସ୍ୱ ଗୃହ ନିର୍ମାଣ ଲାଗି ଆର୍ଥିକ ମଂଜୁରୀ ପ୍ରଦାନ କରିଛନ୍ତି । ଏଥି ସକାଶେ ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ହେଲେ ଜାଗା ଜମି ଅଡୁଆ, କୋର୍ଟ କଚେରୀ ପ୍ରସଙ୍ଗ ଏବଂ ଗ୍ରାମ୍ୟ ବିବାଦ ଯୋଗୁଁ ଟଙ୍କା ଥାଇ ମଧ ନିର୍ମାଣ ହୋଇ ପାରୁନି ପଂଚାୟତ ଗୃହ । ଗତ ୨୦୧୬ ମସିହାରେ ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପଂଚାୟତ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସରକାରୀ ଯୋଜନାକୁ ଅଧିକ ଲୋକାଭିମୁଖୀ କରିବା ସହିତ ହାତ ପାହାନ୍ତାରେ ଲୋକଙ୍କୁ ପଂଚାୟତିରାଜ ବ୍ୟବସ୍ଥାର ସୁଫଳ ଯୋଗାଇ ଦେବାକୁ ଆରମ୍ଭ କରିଥିଲେ ପଂଚାୟତ ପୁନର୍ଗଠନ ପ୍ରକ୍ରିୟା । ଭଦ୍ରକ ଜିଲାରେ ପୂର୍ବରୁ ରହିଥିବା ୧୯୩ ଟି ପଂଚାୟତକୁ ଭାଙ୍ଗି ଏହାକୁ ୨୧୮ କୁ ବୃଦ୍ଧି କରାଯାଇଥିଲା । ବର୍ଦ୍ଧିତ ଲୋକ ସଂଖ୍ୟାକୁ ଦୃଷ୍ଟିରେ ରଖି ପୁରୁଣା ପଂଚାୟତକୁ ଭାଙ୍ଗି ନୂଆ ପଂଚାୟତ ଗଠନ କରିଥିଲେ । ତେବେ ଯୋଜନା କାର୍ଯ୍ୟକାରୀ ହେବାର ୩ ବର୍ଷ ପରେ ସମଗ୍ର ଜିଲାରେ ମାତ୍ର ୯ ଟି ନବଗଠିତ ପଂଚାୟତର ଗୃହ ନିର୍ମାଣ ସରିଥିବା ସ୍ଥଳେ ଅନ୍ୟ ୧୬ଟି ପଂଚାୟତ ଗୃହ ନିର୍ମାଣ ସମ୍ଭବ ହୋଇପାରିନାହିଁ । ସେହିଭଳି ଅସଂପୂର୍ଣ୍ଣ ୧୬ ପଂଚାୟତ ମଧ୍ୟରୁ ଭଦ୍ରକ ବ୍ଲକ୍‌ରେ ଥିବା ହରିପୁର ଏବଂ କୋଡବରୁଆଁ ପୁନର୍ଗଠିତ ପଂଚାୟତ କୋର୍ଟ ମାମଲା ଯୋଗୁଁ ଅଟକି ରହିଥିବାବେଳେ ଜାଗା ଜମି ଅଡୁଆ ଯୋଗୁଁ ଜିଲାରେ ୧୨ଟି ପଂଚାୟତରେ ଗୃହ ନିର୍ମାଣ ଆରମ୍ଭ ହୋଇପାରିନାହିଁ । ଏହି ସୂଚନା ଅନୁଯାୟୀ ଭଦ୍ରକ ବ୍ଲକ୍‌ରେ ୫ଟି ନୂଆ ପଂଚାୟତ ଗଠନ କରାଯାଇଛି । ବାସୁଦେବପୁର ବ୍ଲକ୍‌ରେ ୪ଟି, ତିହିଡି ବ୍ଲକ୍‌ରେ ୫ଟି, ବନ୍ତ ବ୍ଲକ୍‌ରେ ୩ଟି, ଧାମନଗର ବ୍ଲକ୍‌ରେ ୩ଟି, ଭଣ୍ଡାରିପୋଖରୀ ବ୍ଲକ୍‌ରେ ୪ଟି ଏବଂ ଚାନ୍ଦବାଲି ବ୍ଲକ୍‌ରେ ୬ ଟି ଏହିପରି ମୋଟ ୨୫ ଟି ନୂଆ ପଂଚାୟତ ଘୋଷଣା କରାଯାଇଥିଲା । ତେବେ ପଂଚାୟତ ପୁନର୍ଗଂନ ହେବାର ଇତିମଧ୍ୟରେ ୩ ବର୍ଷ ବିତିଥିଷଲ ମଧ ଅଧିକାଂଶତ ନବଗଠିତ ପଂଚାୟତ କେଉଁଠି ଭଡା ଘରେ ତ କେଉଁଠି ପୁରୁଣା ପଂଚାୟତ ଅଫିସ୍ ଭଙ୍ଗା ଦଦରା ଘରେ ପରିଚାଳିତ ହେଉଛି । ରାଜନୈତିକ ଅସହଯୋଗ, ପ୍ରଶାସନିକ ଅବହେଳା ଏବଂ ଦାୟିତ୍ୱହୀନ ଠିକାଦାରମାନଙ୍କ ମନମାନି ଯୋଗୁଁ ପଂଚାୟତ ପୁନର୍ଗଠନର ୩ ବର୍ଷ ପରେ ମଧ ଜିଲାରେ ପଂଚାୟତ ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇପାରୁନାହିଁ ।






# ରଣପୁରରେ ଭାରତ ବନ୍ଦ ସଫଳ




ରଣପୁର(ପିଏନ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ ପକ୍ଷରୁ ନୟାଗଡ଼ ଜିଲ୍ଲା ରଣପୁର ଠାରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇ.ଏନ.ଟି.ୟୁ.ସି, ସି.ଆଇ.ଟି.ୟୁ, ଏ.ଆଇ.ଟି.ୟୁ.ସି ପକ୍ଷରୁ ରାଜ୍ୟରେ ହୁ ହୁ ହୋଇ ବଢୁଥିବା, ଦରଦାମ ବନ୍ଦ କରିବା, ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ୨୧୦୦୦ ହଜାର ଟଙ୍କା, ସମାନ କାମକୁ ସମାନ ଦରମା, ଶ୍ରମିକ କୃଷକ ପାଇଁ ମାସିକ ୧୦୦୦୦ ଟଙ୍କା ପେନ୍‌ସନ୍, କର୍ପୋରେଟ୍ ସ୍ୱାର୍ଥରେ ଶ୍ରମ ଆଇନ ପରିବର୍ତ୍ତନ ବନ୍ଦ କରିବା, ଅଙ୍ଗନୱାଡ଼ି, ଆଶା କର୍ମୀ ସ୍କିମ୍ ୱାର୍କରସ୍‌ମାନଙ୍କୁ ଶ୍ରମିକର ମାନ୍ୟତା ପ୍ରଦାନ କରିବା, ରେଳ, ବୀମା, ବ୍ୟାଙ୍କ, ପ୍ରତିରକ୍ଷା, କୋଇଲା, ଇସ୍ପାତ ସମେତ ସାର୍ବଜନିନ କ୍ଷେତ୍ରର ଘରୋଇକରଣ ବନ୍ଦ କରିବା ଓ ୧୦୦% ଏଫ.ଡ଼ି.ଆଇ ବନ୍ଦ କର ଓ କୃଷକ ମାନଙ୍କ ଲାଗି ସ୍ୱାମୀନାଥନ କମିଟି ସୁପାରିଶ ଲାଗୁ କରିବା ଦାବୀ ନେଇ ଆଜି ରଣପୁର ବନ୍ଦ କରିଥିଲେ। ରଣପୁର ଅଂଚଳର ସମସ୍ତ ବିଦ୍ୟାଳୟ, କଲେଜ, କୋଟ, ତହସିଲ, ବ୍ଲକ, ଏନଏସି, ସବରେଜିଷ୍ଟର ଓ ବ୍ୟାଙ୍କ ଆଦି ବନ୍ଦ କରିଥିଲେ। ପଂଚୁଦୋଳ ପଡ଼ିଆଠାରେ ଶହ ଶହ ସଂଖ୍ୟାରେ କୃଷକ, ନିର୍ମାଣ ଶ୍ରମିକ, ଅଙ୍ଗନୱାଡ଼ି, ଆଶା, ପାଟିକା କର୍ମୀମାନେ ଏକତ୍ରିତ ହୋଇ କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ନବୀନ ସରକାରଙ୍କ ଶ୍ରମିକ ମାରଣ ନିତି ବିରୁଦ୍ଧରେ ପ୍ରତିବାଦ ସଭାରେ କ୍ଷୋଭ ପ୍ରକାଶ କରିଥିଲେ। ଆନ୍ଦୋଳନକାରୀମାନେ ଏକ ବିରାଟ ରାଲିରେ ପଂଚୁଦୋଳ ପଡ଼ିଆରୁ ବାହାରି ସହର ପର୍ଯ୍ୟନ୍ତ ରାଲି କରିଥିଲେ। ରଣପୁର ଅଂଚଳର ସମସ୍ତ ବ୍ୟବସାୟିକ ସଂସ୍ଥା, ଦୋକାନ, ବଜାର, ଆଦି ବନ୍ଦକୁ ସମର୍ଥନ କରି ନିଜ ନିଜର ଦୋକାନ ବନ୍ଦ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଆଇ.ଏନ.ଟି.ୟୁ.ସି ନୟାଗଡ଼ ଜିଲ୍ଲା ସଭାପତି ସତ୍ୟବ୍ରତ ନାୟକ, ଉପସଭାପତି ସତ୍ୟରଂଜନ ମତା, ସିଆଇଟିୟୁର ନେତା ହରିଶଚନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ପରିଡ଼ା, ସୁରେଶ ସ୍ୱାଇଁ, ଆଇ.ଏନ.ଟି.ୟୁ.ସି ନେତା ମିର ଅବୁକର ସିଦିକ, ବିଭୂତି ଜେନା, ବାଳକୃଷ୍ଣ ସଡଙ୍ଗି, ବାଦଲ ପ୍ରଧାନ, ସୁଦେଇ ପ୍ରଦାନ, ଅଜୟ ମହାନ୍ତି, ସୁଶିଲ ମହାନ୍ତି, ଧୁସାସନ ଜେନା, ସବ୍ୟଶାଚୀ ପ୍ରଧାନ, ଗଙ୍ଗାଧର ନାୟକ, କୁଶ ସାମନ୍ତରାୟ, ଶତୃଘନ ପାଇକରାୟ, ହାଡିଆ ପ୍ରଧାନ, ମିଟୁ ପ୍ରଧାନ, ଇତ୍ୟାଦି ଶ୍ରମିକନେତା ଏହି ସାଧାରଣ ବିକ୍ଷୋଭ ଓ ଧର୍ମଘଟକୁ ସଫଳ ଓ ପ୍ରଭାବପୂର୍ଣ୍ଣ କରିଥିଲେ।

ସାଂସଦଙ୍କ ପ୍ରୟାସ

# କନ୍ଧମାଳରେ ମେଗା ନିଯୁକ୍ତି ମେଳା





ଫୁଲବାଣୀ, ୯।୧(ପିଏନ) : କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମ କ୍ରମେ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ମେଗା ନିଯୁକ୍ତି ମେଳା ଗୁରୁବାର ଫୁଲବାଣୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଏହି ନିଯୁକ୍ତି ମେଳାକୁ ଉଦ୍‌ଘାଟନ କରିଥିଲେ। ନିଯୁକ୍ତି ମେଳା ସଂପର୍କରେ ସୂଚନା ଦେଇ ସାଂସଦ ଶ୍ରୀ ସାମନ୍ତ କହିଲେ, ଏହି ନିଯୁକ୍ତି ମେଳାରେ ଦେଶର ୭୦ଟି କମ୍ପାନୀ ଯୋଗ ଦେଇଛନ୍ତି। ସେମାନେ ବିଭିନ୍ନ ପଦ ପଦବୀ ପାଇଁ କନ୍ଧମାଳ ସଂସଦୀୟ କ୍ଷେତ୍ରର ବେକାର ଯୁବକ ଯୁବତୀଙ୍କୁ ଚୟନ କରିବା ସହ ନିଯୁକ୍ତି ପତ୍ର ପ୍ରଦାନ କରିବେ। ପ୍ରାୟ ୧୦ ହଜାର ପଦବୀ ପାଇଁ ଏହି ନିଯୁକ୍ତି ମେଳା ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ଯୁବକ ଯୁବତୀଙ୍କ ପାଇଁ ସର୍ବନିମ୍ନ ମାସିକ ବେତନ ୧୦ ହଜାର ଟଙ୍କା ଥିବା ବେଳେ ସର୍ବାଧିକ ମାସିକ ବେତନ ରହିଛି ୨୦ ହଜାର ଟଙ୍କା। ଏହା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ମଧ୍ୟ କମ୍ପାନୀମାନେ ପ୍ରଦାନ କରିବେ। ଶ୍ରୀ ସାମନ୍ତ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସମଗ୍ର ଓଡ଼ିଶାରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଚାଲୁ ରହିଛି। ସେଥିମଧ୍ୟରୁ ଗୋଟିଏ ବଡ଼ କାମ ହେଲା ରାଜ୍ୟର ବେକାର ଯୁବକଯୁବତୀଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବା। ଏଥିପାଇଁ ରାଜ୍ୟ ସରକାର ଏକ ଦକ୍ଷତା ବିକାଶ ବିଭାଗ ମଧ୍ୟ ଖୋଲିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ କନ୍ଧମାଳ ସଂସଦୀୟ କ୍ଷେତ୍ରର ୧୦ହଜାର ବେକାର ଯୁବକ ଯୁବତୀଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି। ଏହି ପିଲାମାନେ ନିଯୁକ୍ତି ପାଇ ବାହାର ରାଜ୍ୟରେ କାମ କରିବାର ସୁଯୋଗ ପାଇବେ। ଏଣିକି କର୍ମ ସଂସ୍ଥାନ ପାଇଁ କନ୍ଧମାଳ ପିଲାମାନଙ୍କୁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ। କମ୍ପାନୀମାନେ ଏଠାକୁ ଆସି ଉପଯୁକ୍ତ ପିଲାଙ୍କୁ ସେମାନଙ୍କ ଦକ୍ଷତା ଅନୁସାରେ ନିଯୁକ୍ତି ପ୍ରଦାନ କରିବେ। ଏହି ଗରିବ ଜିଲ୍ଲା କିଭଳି ଉନ୍ନତ ଜିଲ୍ଲାରେ ପରିଣତ ହେବ ସେଥିପାଇଁ ଆମେ ସର୍ବଦା ଚେଷ୍ଟା କରିଆସୁଛୁ। ଲୋକମାନଙ୍କର କ୍ରୟ ଶକ୍ତି ବୃଦ୍ଧି ହେଲେ ଦାରିଦ୍ର୍ୟ ଦୂର ହେବ। ଏଥିପାଇଁ ବ୍ୟାପକ ରୋଜଗାର ସୁଯୋଗ ସୃଷ୍ଟି ହେବା ଦରକାର। ଲୋକସଭା ନିର୍ବାଚନ ସମୟରେ ଲୋକଙ୍କ କ୍ରୟ ଶକ୍ତି ବୃଦ୍ଧି କରିବାକୁ ଆମେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ଏହି ନିଯୁକ୍ତି ମେଳା ମାଧ୍ୟମରେ ପ୍ରତି ପରିବାରକୁ ରୋଜଗାର ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ ଶ୍ରୀ ସାମନ୍ତ କହିଲେ ସଂସଦୀୟ କ୍ଷେତ୍ରର ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବା ଲକ୍ଷ୍ୟରେ ଜିଲ୍ଲା ମୁଖ୍ୟାଳୟରେ ଏକ ସାଂସଦ ନିଯୁକ୍ତି ସେଲ୍ ଖୋଲାଯାଇଛି। ଏଥିରେ ବର୍ଷ ତମାମ ସଂସଦୀୟ କ୍ଷେତ୍ରର ବେକାର ଯୁବକଯୁବତୀମାନେ ପଞ୍ଜୀକରଣ କରିପାରିବେ। ଏହି ନିଯୁକ୍ତି ସେଲ୍ ମାଧ୍ୟମରେ ପଞ୍ଜୀକୃତ ପ୍ରାର୍ଥୀଙ୍କୁ କମ୍ପାନୀ ସହ ଯୋଗାଯୋଗ କରାଇ ଦିଆଯିବ। ଫଳରେ ସେମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଦକ୍ଷତା ଅନୁସାରେ ନିଯୁକ୍ତି ପାଇପାରିବେ। ଆସନ୍ତା ୧ବର୍ଷ ମଧ୍ୟରେ କନ୍ଧମାଳ ସଂସଦୀୟ କ୍ଷେତ୍ରର ବେକାର ସମସ୍ୟା ଦୂର ପାଇଁ ଲକ୍ଷ୍ୟ ରଖାଯାଇଥିବା ଶ୍ରୀ ସାମନ୍ତ କହିଥିଲେ। ଓଡ଼ିଶାରେ ପ୍ରଥମ ଥର ଲାଗି ଏଭଳି ଏକ ଉଦ୍ୟମ କରାଯାଇଛି। ସୂଚନାଯୋଗ୍ୟ, କନ୍ଧମାଳ ସଂସଦୀୟ କ୍ଷେତ୍ରର ଫୁଲବାଣୀ, ବୌଦ୍ଧ, କଣ୍ଟାମାଳ, ଦଶପଲ୍ଲା, ଭଞ୍ଜନଗର, ବାଲିଗୁଡ଼ା ଓ ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ବେକାର ଯୁବକ ଯୁବତୀଙ୍କ ନିମନ୍ତେ ଜାନୁଆରୀ ୯ ଓ ୧୦ତାରିଖ ଦୁଇ ଦିନ ଧରି ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ୯ତାରିଖରେ କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀଠାରେ ଫୁଲବାଣୀ, ଦଶପଲ୍ଲା, ବାଲିଗୁଡ଼ା, ଉଦୟଗିରି ଓ ଭଞ୍ଜନଗର ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କ ନିମନ୍ତେ ଏହି ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହେଉଥିବା ବେଳେ ୧୦ ତାରିଖରେ ବୌଦ୍ଧ ଜିଲ୍ଲା ସଦର ମହକୁମା ବୌଦ୍ଧଠାରେ ବୌଦ୍ଧ ଓ କଣ୍ଟାମାଳ ନିର୍ବାଚନମଣ୍ଡଳୀର ପ୍ରାର୍ଥୀମାନଙ୍କ ପାଇଁ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅଙ୍ଗଦ କହଁର, ବିଧାୟକ ଚକ୍ରମଣି କହଁର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, କନ୍ଧମାଳ ଜିଲ୍ଲାପାଳ ବୃନ୍ଦା ଡି ଏବଂ ଜିଲ୍ଲାର ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## ଚଳିତ ଆର୍ଥିକ ବର୍ଷରେ ଆଇସିଆଇସିଆଇ ଖୋଲିବ ୪୫୦ଟି ଶାଖା

ମୁମ୍ବାଇ: ଚଳିତ ଆର୍ଥିକ ବର୍ଷରେ ଆଇସିଆଇସିଆଇ ୪୫୦ଟି ନୂଆ ଶାଖା ଖୋଲି ଦେଶରେ ନିଜର ଖୁଚୁରା। ନେଟୱ୍ୱର୍କ ସଂପ୍ରସାରିତ କରିବ ବୋଲି ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଇତିମଧ୍ୟରେ ବ୍ୟାଙ୍କ ଗ୍ରାହକଙ୍କ ନିମନ୍ତେ ୩୨୦ଟି ଶାଖା କାର୍ଯ୍ୟକ୍ଷମ କରିସାରିଛି। ଅବଶିଷ୍ଟ କାର୍ଯ୍ୟକ୍ଷମ ପ୍ରକ୍ରିୟାରେ ରହିଛି। ନୂଆ ଶାଖା ପ୍ରତିଷ୍ଠା ଫଳରେ ବ୍ୟାଙ୍କର ମୋଟ ଶାଖା ସଂଖ୍ୟା ଦେଶରେ ୫୦୦୦କୁ ବୃଦ୍ଧି ପାଇଛି। ବ୍ୟାଙ୍କର ମାଇଲଖୁ ଶାଖା ମହାରାଷ୍ଟ୍ରର ଥାନେଠାରେ ପ୍ରତିଷ୍ଠା କରାଯାଇଛି। ଏହାଦ୍ୱାରା ବ୍ୟାଙ୍କ ନେଟୱ୍ୱର୍କରେ ୫୧୯୦ଟି ଶାଖା, ଏଟିଏମ ଓ ସଂପ୍ରସାରିତ କାଉଣ୍ଟର ଅନ୍ତର୍ଭୁକ୍ତ ହୋଇପାରିଛି। ଜାମ୍ମୁ- କାଶ୍ମୀରର ଲେହ ଠାରୁ ଆରମ୍ଭ କରି ତାମିଲନାଡୁର ନାଗରକଏଲ, ଗୁଜୁରାଟର ନାଲିୟାଠାରୁ ଆରମ୍ଭ କରି ମିଜୋରାମର ଆଇଜଲ ପର୍ଯ୍ୟନ୍ତ ବ୍ୟାଙ୍କ ଶାଖା ପ୍ରତିଷ୍ଠା ହୋଇପାରିଛି। ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ ବ୍ୟାଙ୍କ ଅଧାଶାଖା ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳରେ ପ୍ରତିଷ୍ଠା କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୂପ ବାଗ୍‌ଚୀ କହିଛନ୍ତି ଯେ, ଖୁଚୁରା ବ୍ୟାଙ୍କିଙ୍ଗ ପାଇଁ ଏକ ବ୍ୟାପକ ବ୍ୟାଙ୍କ ନେଟୱ୍ୱର୍କର ଆବଶ୍ୟକତା ରହିଛି ବୋଲି ଆମେ ବିଶ୍ୱାସ କରୁ। ଏହାଦ୍ୱାରା ଅଧିକରୁ ଅଧିକ ସେବା ଯୋଗାଣ ଦ୍ୱାରା ଗ୍ରାହକଙ୍କ ସହ ସଂପର୍କରେ ମଧ୍ୟ ବୃଦ୍ଧି ଘଟିଥାଏ। ଏହି ଶାଖାଗୁଡ଼ିକ ଗ୍ରାହକଙ୍କୁ ପରାମର୍ଶ ଦେବା ସହ ମାର୍ଗଦର୍ଶନ ପ୍ରଦାନ କରିଥାନ୍ତି ବୋଲି ସେ କହିଛନ୍ତି।

# ପ୍ରବାସୀ ଭାରତୀୟ ଡାକ୍ତରଙ୍କ ପରଲୋକ



ବାଲିଚନ୍ଦ୍ରପୁର (ପିଏନ)- ବୌଦ୍ଧ ପୀଠ ଲଳିତଗିରି ଗ୍ରାମର ପ୍ରବାସୀ ଭାରତୀୟ ଡାକ୍ତର ପ୍ରାଣବଲ୍ଲଭ ଦାସ (୭୬) ବର୍ଷ ବୟସରେ ସୁଦୁର ବିଲାତ (ୟୁନାଇଟେଡ଼ କିଙ୍ଗଡମ୍)ଠାରେ ପରଲୋକ ହୋଇଯାଇଛି। ଦୀର୍ଘ ଦିନ ଧରି ଅସୁସ୍ଥ ଥାଇ ସେଠାରେ ତାଙ୍କ ପ୍ରତିଷ୍ଠିତ ଏକ ଘରୋଇ ଚିକିତ୍ସକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ ନିଶେଭିତା ଦାସ, ପୁଅ, ବୋହୂ, ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ତେବେ ଏଭଳି ଦୁଃଖଦ ଘଟଣା ଗ୍ରାମରେ ପହଞ୍ଚିବା କ୍ଷଣି ଗ୍ରାମବାସୀ ସମେତ ସମଗ୍ର ମାହାଙ୍ଗା ଓ ବଡ଼ଚଣା ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ସୂଚନା ଥାଉ କି ୧୯୪୪ ମସିହାରେ ଲଳିତଗିରି ଗ୍ରାମରେ ଏକ ସମ୍ଭ୍ରାନ୍ତ ପରିବାରରେ ପିତା ଜାନକୀ ବଲ୍ଲଭ ଦାସ ଓ ମାତା ମନ୍ଦାକିନୀ ଦାସଙ୍କ କୋଳରେ ଜନ୍ମ ନେଇଥିବା ପ୍ରାଣବଲ୍ଲଭ ନିଜ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଓ ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ପରେ କୁସୁପୁରସ୍ଥିତ ନନ୍ଦକିଶୋର ବିଦ୍ୟା ମନ୍ଦିର ଓ କଟକ ସହରସ୍ଥିତ ରାଜାବଗିଚା ହାଇ ସ୍କୁଲରେ ମାଟ୍ରିକ୍ ପାସ କରି ସ୍ୱିୱାଟ ମହାବିଦ୍ୟାଳୟରେ ବିଜ୍ଞାନରେ ନାମ ଲେଖାଇବା ସହ ସେଠାରେ ଆଇ.ଏ.ଏସ୍‌ସି ପାସ୍ କରି କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଏମ୍.ବି.ବି.ଏସ୍ ସମ୍ପୂର୍ଣ୍ଣ କରିଥିଲେ। ପିଲାଟି ଦିନରୁ ବିଦେଶ ରେ ଉଚ୍ଚ ଶିକ୍ଷା ପାଇଁ ଅଭିଳାଷ ରଖିଥିବା ପ୍ରାଣବଲ୍ଲଭ ୧୯୭୮ରେ ୟୁନାଇଟେଡ଼ କିଙ୍ଗଡମ୍‌ରେ ଉଚ୍ଚ ଡାକ୍ତରୀ ଶିକ୍ଷା ଲାଭ କରିଥିଲେ। ପରେ ତାଙ୍କ ଉଦ୍ୟମରେ ୱେଲସ୍‌ରେ ୩୦ଟି ଘରୋଇ ଚିକିତ୍ସାକେନ୍ଦ୍ର ଖୋଲି ନିଜର ଅଧ୍ୟବସାୟ ଆରମ୍ଭ କରିଥିଲେ। ପିଲାଟି ଦିନରୁ ନିଜ ଗାଁ କୁ ଭଲ ପାଉଥିବା ପ୍ରାଣବଲ୍ଲଭ ଗତ ୧୯୯୯ ମହାବାତ୍ୟାରେ ଗାଁର ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିବା ନିଜ ଗାଁର ଖବର ପାଇ ସୁଦୂର ବିଲାତ ରୁ ଛୁଟି ଆସିଥିଲେ ନିଜ ଜନ୍ମ ମାଟିକୁ। କିପରି ନିଜ ଗ୍ରାମବାସୀଙ୍କୁ ସହାୟତା କରିବେ ଓ ପିଲାଦିନେ ପଢୁଥିବା ନିଜ ବିଦ୍ୟାଳୟ ଅବସ୍ଥା ଦେଖି ଦୁଃଖରେ ଭାଙ୍ଗି ପଡ଼ିଥିଲେ। ପରେ ବିଲାତରୁ ଏକ ସ୍ୱତନ୍ତ୍ର ପ୍ଲାନ ପ୍ରସ୍ତୁତ କରି ୮୦ ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମ ବିଦ୍ୟାଳୟ ନିର୍ମାଣ କରିଥିଲେ। ଯାହାକି ଡାକ୍ତର ଦାସଙ୍କ ବିୟୋଗରେ ଏହି ବିଦ୍ୟାଳୟ ଏକ ସ୍ମୃତିସ୍ତମ୍ଭ ହୋଇ ଦଣ୍ଡାୟମାନ ହୋଇଛି। ଏଥି ସହିତ ଗ୍ରାମଦେବତୀ ମନ୍ଦିର, ନିକଟସ୍ଥ ବଡ଼ଚଣା ବ୍ଲକ ବାଉଜଙ୍ଗଠାରେ ପ୍ରତିଷ୍ଠିତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ଆର୍ଥିକ ସହାୟତା ସ୍ୱର୍ଗତ ଦାସଙ୍କ ଏକ ମହାନ ବୈଶିଷ୍ଟ୍ୟ। ନିଜ ଗାଁ ମାଟିକୁ ଭଲ ପାଉଥିବା ଲଳିତଗିରି ର ଗର୍ବ ପାଲଟିଥିବା ସ୍ୱର୍ଗତ ଦାସଙ୍କ ଇତି ମଧ୍ୟରେ ପରଲୋକ ହୋଇ ଯାଇଛି। ତାଙ୍କ ବିୟୋଗରେ ପଞ୍ଚାୟତରାଜ ବିଭାଗ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବାଚସ୍ପତି ଶରତ କୁମାର କର, ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ଡେରାବିଶ୍ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶରତ କୁମାର ସାହୁ, ମାହାଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସିଂହ, କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, ବୁଦ୍ଧାୟନ ସଭାପତି ଆଇନଜିବୀ ପ୍ରଦୀପ୍ତ କୁମାର ଭୂୟାଁ, ଲଳିତଗିରି ସରପଞ୍ଚ ସୁଜାତା ସିଂହ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ଶତପଥୀ ଓ ନିତ୍ୟାନନ୍ଦ ନାୟକ, ବୌଦ୍ଧ ଗବେଷକ ଡଃ ହରିଶ୍ ଚନ୍ଦ୍ର ପୃଷ୍ଟି ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜିବୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ଫ୍ଲିପକାର୍ଟ ପକ୍ଷରୁ ମାରକ୍ୟୁ ଏବଂ ପରଫେକ୍ଟ ହୋମ ବ୍ରାଣ୍ଡର ସଂପ୍ରସାରଣ

ଭୁବନେଶ୍ୱର : ଭାରତର ଅଗ୍ରଣୀ ଇ-କମର୍ସ ମାର୍କେଟ ପ୍ଲେସ ଫ୍ଲିପକାର୍ଟ, ବିଗ ବିଲିୟନ ଡେ ଉପଲକ୍ଷେ ଏହାର ବୃହତ ଉପକରଣ ବ୍ରାଣ୍ଡ ମାରକ୍ୟୁ ଏବଂ ଫର୍ନିଚର ବ୍ରାଣ୍ଡ ପରଫେକ୍ଟ ହୋମସର ସଂପ୍ରସାରଣ କରିଛି। ମାରକ୍ୟୁ ଉନ୍ନତ ମାନର ହୋମ ଏବଂ ପର୍ସନାଲ ଅଡିଓ ଡିଭାଇସ ଏବଂ ଆଣ୍ଡ୍ରଏଡଟିଭି ଷ୍ଟ୍ରିମିଙ୍ଗ ବକ୍ସ ସମେତ ଏହି ବ୍ରାଣ୍ଡ ଅଧିନସ୍ଥ ପୋର୍ଟଫୋଲିଓରେ ୱାସିଙ୍ଗ ମେସିନ ଏବଂ ରେଫ୍ରିଜେରେଟର ମଧ୍ୟ ରହିଛି। ଏହି ବ୍ରାଣ୍ଡ ଅନ୍ତର୍ଗତ ଟିଭି ଗୁଡ଼ିକ 'ସମ୍ପୂର୍ଣ୍ଣ ଉପକରଣ ସୁରକ୍ଷା', ମାନ୍ୟୁଫାକଚରିଙ୍ଗ ଏବଂ ଦୁର୍ଘଟଣା ଜନିତ କ୍ଷତିକୁ ଅନ୍ତର୍ଭୁକ୍ତ କରୁଥିବା ଏକ ତିନି ବର୍ଷର କେୟାର ପ୍ଲାନ ସହିତ ଆସିଥିବା ବେଳେ ରେଫ୍ରିଜେରେଟର ଗୁଡ଼ିକ ଶ୍ରେଷ୍ଠ ୧୦ ବର୍ଷର ୱାରେଣ୍ଟି ସହ ଆସିଛି। ସେହିଭଳି ଫ୍ଲିପକାର୍ଟର ପରଫେକ୍ଟ ହୋମ ଏହାର ପୋର୍ଟଫୋଲିଓକୁ ଆଗକୁ ସଂପ୍ରସାରିତ କରିଛି ଯାହାକି ପୂର୍ବରୁ ଖଟ, ସୋଫା, ଡାଇନିଙ୍ଗ ଟେବଲ ସମେତ ବର୍ତ୍ତମାନ ବୁକସେଲଭ, କିଚନ କ୍ୟାବିନେଟକୁ ସାମିଲ କରିଛି। ଏହା ବ୍ୟତିତ ଏହି ବ୍ରାଣ୍ଡ ଲ୍ୟାମ୍ପ, କାନ୍ଥ ଘଣ୍ଟା, ବେଡ ସିଟ ଏବଂ ବାଥ ଲାଇନେନ ଆଣି ହୋମ ଫର୍ନିସିଙ୍ଗ ଏବଂ ଗୃହ ସଜ୍ଜାକୁ ଅଧିକ ଆକର୍ଷଣୀୟ କରିଦେଇଛି। ବିଗତ ବର୍ଷର ବିଗ ବିଲିୟନ ଡେ ଅବସରରେ ଫ୍ଲିପକାର୍ଟ ହୋମ ଦେଶର ବୃହତ୍ତମ ଫର୍ନିଚର ବ୍ରାଣ୍ଡର ମାନ୍ୟତା ପାଇଥିଲା। ଏହି ପାର୍ବଣ ଋତୁରେ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଉଭୟ ବ୍ରାଣ୍ଡ ସେମାନଙ୍କର ଉପକରଣ ନିର୍ମାଣ ସାମର୍ଥ୍ୟତାକୁ ତ୍ୱରାନ୍ୱିତ କରିଛନ୍ତି। ଫ୍ଲିପକାର୍ଟର ଏହି ଉଭୟ ମାରକ୍ୟୁ ଏବଂ ପରଫେକ୍ଟ ହୋମ ୨୦୧୯ରେ ସେମାନଙ୍କର ମାନ୍ୟୁଫାକ୍‌ଚରିଙ୍ଗ ସହଯୋଗୀଙ୍କ ସଂଖ୍ୟାରେ ୨ ଗୁଣ ବୃଦ୍ଧି କରିଛି। ଉଭୟ ବ୍ରାଣ୍ଡର ଅ'ର୍ଭୁକ୍ତ ସମସ୍ତ ଉପକରଣ ଗୁଡ଼ିକ ଉନ୍ନତ ଗୁଣବତ୍ତା ଏବଂ ମୂଲ୍ୟ ବର୍ଗରେ ଏହି ପାର୍ବଣ ଋତୁରେ ଗ୍ରାହକ ମାନଙ୍କ ପାଇଁ ଉପଯୁକ୍ତ ଅଟେ।

## ଝାରାଡିହିଠାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଜନ୍ମ ମହୋତ୍ସବ ପାଳନ

ରାଇରଙ୍ଗପୁର:- ଝାରାଡିହି ହାଟ ପଡ଼ିଆଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜନ୍ମ ମହା ମହୋତ୍ସବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ, ୪ଟା ୩୦ରେ ଉଗା କୀର୍ତ୍ତନ, ୬ଟା ୧୩ ମିରେ ସମବେତ ଉଷା ବିନତୀ ପ୍ରାର୍ଥନା ଓ ସତ୍‌ଗ୍ରନ୍ଥ ପାଠ କରାଯାଇଥିଲା। ୯ ଘଟିକା ସମୟରେ ସୁଶୋଭିତ ବର୍ଣ୍ଣାଢ଼୍ୟ ରଥ ଦ୍ୱାରା ଶ୍ରୀ ଶ୍ରୀ ଠାକୁର ବିଗ୍ରହ ଝାରାଡିହି ନଗର ପରିକ୍ରମା କରିଥିଲା। ୧୧.୩୦ମି.ରେ ସତ୍‌ସଙ୍ଗ ଓ ସଦାଲୋଚନା ଅନୁଷ୍ଠିତ ହୁଏ। ଏଥିରେ ବରିଷ୍ଠ ରିତ୍ୱିକ ନାରାୟଣ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁରେଶ ଚନ୍ଦ୍ର ମହାନ୍ତି ଧର୍ମଯାଜକ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିଗମାନନ୍ଦ ପଟ୍ଟନାୟକ, ଗୋଲକ ବିହାରୀ ଆଚାର୍ଯ୍ୟ ଓ ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରୁ ରାଜ କିଶୋର ମହାନ୍ତ (ପ୍ରଧାନ ଶିକ୍ଷକ), ଗୋପାଳ ଚନ୍ଦ୍ର ସାହୁ (ଅବସରପ୍ରାପ୍ତ ଶିକ୍ଷକ) ଓ ଶାସ୍ୱତ ପୁଲକ ପାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ ସ୍ଥାନୀୟ ଧର୍ମଯାଜକ ରମାକାନ୍ତ ସ୍ୱାଇଁ। ସତ୍ୟାନୁସ୍ରଣ ପାଠ କରିଥିଲେ ଲଛମନ ଗିରି (ଯାଜକ), ନାରୀର ନୀତି ପାଠ କରନ୍ତି ସାରଙ୍ଗଧର ମିଶ୍ର। ଭଜନ ଓ କୀର୍ତ୍ତନ ପରିବେଷଣ କରିଥିଲେ କମଳାକାନ୍ତ ମହାନ୍ତ, ମନ୍ମଥ କୁମାର ମହାନ୍ତ, ବିଭୂତି ଜ୍ୟୋତିଷୀ, ନବୀନ ଆଚାର୍ଯ୍ୟ, ମିହିର କୁମାର ମହାପାତ୍ର, ଉର୍ମିଳା ଆଚାର୍ଯ୍ୟ, ରାମେଶ୍ୱର ସାହୁ ଓ ବାଦ୍ୟକାର ନୃସିଂହ ଚରଣ ଗିରି ପ୍ରମୁଖ।

## ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ପାର୍ଶ୍ୱରେ ଉଚ୍ଛେଦ କାର୍ଯ୍ୟ ଜାରୀ

ପୁରୀ: ଶ୍ରୀମନ୍ଦିର ଚାରିପଟ ସୌନ୍ଦର୍ଯ୍ୟକରଣ ଓ ସୁରକ୍ଷା ଜୋନ୍ ପାଇଁ ଭଙ୍ଗାକାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଶନିବାର ଦିନ ପୁରୁଣା ସେଟଲମେଂଟ ଅଫିସ ଚାଲୁଥିବା ଘରଟିକୁ ଭାଙ୍ଗି ଦିଆଯାଇଛି। ସାହି ରାସ୍ତା ଅତି ସଂକୀର୍ଣ୍ଣ ହୋଇଥିବାରୁ ସତର୍କତାର ସହ ବୁଲଡୋଜର ପ୍ରବେଶ କରି ଘରଗୁଡିକ ଭାଙ୍ଗୁଛି। ଅନ୍ୟପକ୍ଷରେ ବିଷ୍ଣୁଭବନ ପାଖରେ ଥିବା କୋଠାଟି ନୂଆ କରି ତୋଳା ହୋଇଥିବାରୁ ଓ ମୋଟା ଛଡ ବ୍ୟବହାର ହୋଇଥିବାରୁ ତାହାକୁ ଭାଙ୍ଗିବା ପାଇଁ କଷ୍ଟସାଧ ହେଉଛି। ନୂଆ ପିଲର ଓ ନୂଆ ଛାତ ଭାଙ୍ଗିବା ପାଇଁ ଭାଇବ୍ରେଟର ମେସିନ୍ ପ୍ରବେଶ ନିମନ୍ତେ ପ୍ରଥମେ କିଛି କିଛି ଅଂଶକୁ ଭଙ୍ଗାଯାଉଛି। ଲୋକନାଥ ରୋଡ କଣମୁଣ୍ଡରେ ଥିବା ଘରୋଇ କୋଠାକୁ ଭାଙ୍ଗି ଦିଆଯାଇଛି। ଏହି ଉଚ୍ଛେଦ କାର୍ଯ୍ୟରେ ୫ଟି ବୁଲଡୋଜର ଓ ସୁରକ୍ଷା ଦାୟୀତ୍ୱରେ ୯ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ରାସ୍ତା ବନ୍ଦ ଯୋଗୁଁ ଭକ୍ତମାନେ ବୁଲିକରି ଯାଉଥିବା ଦେଖିବାକୁ ମିଳିଛି। ମଙ୍ଗୁମଠର ଉଚ୍ଛେଦ ସ୍ଥଳକୁ ସମତୁଲ କରାଯାଇ ଫାଇବର ଫ୍ଲେକ୍ ଇଟା ପକାଯାଉଛି। ସାନଛତା ମଠ ଭଙ୍ଗାଯାଇଥିବା ସ୍ଥାନରେ ସମତୁଲ କାର୍ଯ୍ୟ ଚାଲିଛି।

## କିଟ୍‌ରେ ଜାତୀୟ ବଧିର ମହିଳା ସଂଘର ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ




ଭୁବନେଶ୍ୱର,୯।୧(ପିଏନ) : କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୩ଦିନ ଧରି ଚାଲିଥିବା ୫ମ ଜାତୀୟ ବଧିର ମହିଳା ସଂଘର ସାଂସ୍କୃତିକ ମହୋତ୍ସବ ସୋମବାର ଦିନ ଉଦ୍‌ଯାପ୍ଲଛ ହୋଇଯାଇଛି। ସର୍ବ ଭାରତୀୟ ବଧିର ମହିଳା ସଂଘ ଫାଉଣ୍ଡେସନ୍ ଓ ଓଡିଶା ବଧିର ମହିଳା ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଏହି ସାଂସ୍କୃତିକ ମହୋତ୍ସବରେ ୧୩ଟି ରାଜ୍ୟରୁ ୫ଶହରୁ ଉର୍ଦ୍ଧ ବଧିର ମହିଳା ଭାଗ ନେଇଥିଲେ। କାର୍ଯ୍ୟକ୍ରମ ବିଭିନ୍ନ ଦିବସରେ ବଧିର ମହିଳାଙ୍କ ମଧ୍ୟରେ ଚିତ୍ରକଳା,ହସ୍ତକଳା ,ଟେରାକୋଟା ନୃତ୍ୟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲେ। ସୋମବାର ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ସର୍ବଭାରତୀୟ ବଧିର ମହିଳା ସଂଘର ଫାଉଣ୍ଡେସନ୍‌ର ଚେୟାରପର୍ସନ ରାଜଲକ୍ଷ୍ମୀ ରାଓ, ଓଡିଶା ବଧିର ମହିଳା ସଂଘ ଚେୟାରପର୍ସନ ବନମିତ୍ରା ଦାସ,ଭି.ସି ଗୌରୀ ମିଶ୍ର,ଭି.ସି.ସ୍ମୃତି ନାୟକ, ସମ୍ପାଦକ ମିନା ଦାସ, କୋର୍ଷଧ୍ୟକ ପଙ୍କଜୀନୀ ପଟେଲ୍ ,ଭାରତୀୟ ମହିଳା ସଂଘର ସମ୍ପାଦକ ଉମା କାପୁର, ଓଡିଶା ମହିଳା ବଧିର ସଂଘର ସମ୍ପାଦିକା ମିନା ଦାସ, ସଭାପତି ଦିପ୍ତି ବହିର ଦାର ଓ ଶ୍ରୀରାମ ଦାସ। ଓଡିଶା ବଧିର ସଂଘର ପ୍ରତିଷ୍ଠାତା ବିଜୟ ପରିଡା,ସଭାପତି ଶିବନାରାୟଣ ବହିର ,ନିରଞ୍ଜନ ଯୋଶୀ ,ଜୁତୁନନ୍ଦ,ଉପଦେଷ୍ଟା ସତ୍ୟ ରଞ୍ଜନ ପଟ୍ଟନାୟକ ଓ ବଧିର ମାନଙ୍କର ସାଙ୍କେତିକ ଭାଷାର ଅନୁବାଦକ ପ୍ରମୋଦ କୁମାର ମହାପାତ୍ର (ଶିକ୍ଷକ) କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମସ୍ତ ଅତିଥିମାନେ ପ୍ରତିଯୋଗିତା ମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସେହିଦିନ କିଟ୍ ପ୍ରତିଷ୍ଠାତା ଦିବସ ଥିବାରୁ କିଟ୍ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ୧୩ଟି ରାଜ୍ୟର ସମସ୍ତ ଅତିଥି ଓ ପ୍ରତିଯୋଗିତାରେ ଭାଗ ନେଉ ଥିବାଙ୍କୁ ସମ୍ବର୍ଦ୍ଧନା କରି ଉସଭଭରକ୍ସ ବ୍ୟବସ୍ଥା କିଟ୍ ତରଫରୁ ରୋଜ ଗାର୍ଡେନ୍‌ରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁକ୍ତିରଞ୍ଜନ ମହାପାତ୍ର, ମମତା ପ୍ରହରାଜ, ବିସି ,ରାମକୃଷ୍ଣ ମିଶ୍ର,ସ୍ନେହାମିସ୍ ପଟ୍ଟନାୟକ,ଦେବଜାନି ଚାନ୍ଦ,ସାଗରିକା ଦାସ, ଏବଂ କର୍ମଚାରୀ ସୁନ୍ଦର ଭାବରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଥମ ଜାତୀୟ ପଦକର ନିକଟତର ଓଡ଼ିଶାର ଶ୍ୱେତପର୍ଣ୍ଣା

ଭୁବନେଶ୍ୱର: ପୂର୍ବତଟ ରେଳବାଇ ଇଣ୍ଡୋର ଷ୍ଟାଡିୟମଠାରେ ଚାଲିଥିବା ୩୩ତମ ୟୋନେକ୍ସ-ସନ୍‌ରାଇଜ୍ ଜାତୀୟ ଉପକନିଷ୍ଠ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ୧୫ ବର୍ଷରୁ କମ୍ ମିକ୍ସଡ୍‌ଡବଲ୍‌ସ ଇଭେଣ୍ଟର ଫାଇନାଲକୁ ପ୍ରବେଶକରି ଓଡିଶାର ତାରକା ସଟ୍‌ଲର ଶ୍ୱେତପର୍ଣ୍ଣା ପଣ୍ଡା ଉକ୍ତ ଟୁର୍ଣ୍ଣାମେଣ୍ଟରେ ଜାତୀୟ ପଦକର ନିକଟତର ହୋଇଛନ୍ତି। ହରିଆନାର ୪ର୍ଥ ସିଡ୍ ମୟଙ୍କ ରାଣା ଓ ଉନ୍ନତି ହୁଡ୍ଡା ଯୋଡିଙ୍କ ବିରୋଧରେ ଟପ୍‌ସିଡ୍ ଶ୍ୱେତପର୍ଣ୍ଣା ଓ ସହଯୋଗୀ ତେଲେଙ୍ଗାନାର ସାତ୍ୱିକ୍ ରେଡ୍ଡିଙ୍କେ ନିଜ ସେମିଫାଇନାଲ ମ୍ୟାଚ୍‌ରେ ଆରମ୍ଭରୁ ଶେଷ ଯାଏଁ ଆଧିପତ୍ୟ ଜାରିରଖିବା ସହ ୨୧-୧୭, ୨୧-୧୩ରେ ବିଜୟ ହାସଲ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଆସ'ାକାଲି ଶ୍ୱେତପର୍ଣ୍ଣା ଓ ସାତ୍ୱିକ୍ ୩ୟ ସିଡ୍ ଚଣ୍ଡିଗଡ-ହରିଆନାର ସମରବୀର ଓ ରିଜୁଲ୍‌ସାଇନିଙ୍କୁ ଭେଟିବେ। ସମରବୀର ଓ ରିଜୁଲ ହରିଆନାର ଯୋଡି ସନିନେ ହେରା ଓ ମୁସ୍କାନ ସାଙ୍ଗୱାନ୍‌ଙ୍କବିରୋଧରେ ନିଜର ଶେଷ ୪ଟି ପ୍ରତିଯୋଗିତାକୁ ୨୧-୧୨, ୨୧-୧୪ରେ ହରାଇଥିଲେ। ସେହିପରି ଆଜି ଆୟୁଷ ପଟ୍ଟନାୟକ ନିଜର କର୍ଣ୍ଣାଟକ ସହଯୋଗୀ ସୁବାଷ ଭିଙ୍କସହ ୧୭ ବର୍ଷରୁ କମ୍ ବଙ୍କଳ ଡବଲ୍ସ ସେମିଫାଇନାଲକୁ ଉତ୍ତୀର୍ଣ୍ଣହୋଇ ଆଉ ଏକ ସଫଳତା ପ୍ରଦାନ କରିଛନ୍ତି। ସେମାନେ ତେଲେଙ୍ଗାନା-ଆସାମଯୋଡି ଉନିଥି କ୍ରିଷ୍ଣା ବିଭି ଓ ଆୟନ ରସିଦ୍‌ଙ୍କୁ ୧୮-୨୧, ୨୧-୮, ୨୧-୧୯ରେ ପରାଜିତ କରିଥିଲେ। ୨ୟ ସିଡେଡ୍ ଆୟୁଷ ଓ ସୁବାଷ ସେମିଫାଇନାଲ ମ୍ୟାଚ୍‌ରେ କରେଳର ଯୋଡି ଆରୟନ ଅଜି ଆର୍ ଓ ଅବ୍ରାର ମହମ୍ମଦୁଙ୍କୁ ଭେଟିବେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray